ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

ମୂଲ୍ୟ ୨.୦୦ ଟଙ୍କା : ୮ ପୃଷ୍ଠା

8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୨୦୩ ● ୨୦ ଅଗଷ୍ଟ ୨୦୨୪, ମଙ୍ଗଳବାର ● ଭୁବନେଶ୍ୱର ● Vol -31 ● Issue-203 ● 20th August 2024, Tuesday ● Bhubaneswar | Licensed to post without pre-payment of postage No- BN-60/22-24

ଅନିଶ୍ଚିତତାରେ ୟୁସିସି ବିଲ୍

ନୂଆଦିଲ୍ଲୀ, ୧୯।୮

ସାରା ଦେଶରେ ଏକକ ନାଗରିକ ସଂହିତା (ୟୁସିସି) କାର୍ଯ୍ୟକାରୀ କରାଯିବା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୋହରାଇବା ସତ୍ତ୍ୱେ ଏହି ବିଧେୟକର ଭାଗ୍ୟ ଅନିଶ୍ଚିତତା ମଧ୍ୟରେ ରହିଛି । ୟୁସିସି ଭାଜପାର ଦୀର୍ଘଦିନର ନିର୍ବାଚନୀ ପ୍ରତିଶ୍ରୁତି ହୋଇଥିବାବେଳେ ଦେଶବ୍ୟାପୀ ୟୁସିସି ଚିଠା ପ୍ରସ୍ତୁତି ଦାୟିତ୍ୱ ୨୨ତମ ନ୍ୟାୟିକ ଆୟୋଗକୁ ଦିଆଯାଇଥିଲା । ଜଷ୍ଟିସ ରତୁରାଜ ଅଓ୍ୱସ୍ତିଙ୍କୁ ଲୋକପାଳର ନ୍ୟାୟିକ ସଦସ୍ୟ ନିଯୁକ୍ତ କରାଯିବାରୁ ସେ ନ୍ୟାୟିକ ଆୟୋଗର ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ । ସେବେଠାରୁ ଅଧ୍ୟକ୍ଷବିହୀନ ଥିବା ଉକ୍ତ ଆୟୋଗର କାର୍ଯ୍ୟକାଳ ଆସନ୍ତା ୩୧ରେ ଶେଷ ହେବାକୁ ଯାଉଥିବାବେଳେ ୟୁସିସି ବିଲ ଚୂଡ଼ାନ୍ତ ହୋଇପାରି ନାହିଁ । ନୂଆ ଅଧ୍ୟକ୍ଷ ନିଯୁକ୍ତି ସମ୍ପର୍କରେ ମଧ୍ୟ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ ।

ସବୁ ଧର୍ମର ଲୋକମାନଙ୍କ ପାଇଁ ବିବାହ, ଛାଡ଼ପତ୍ର, ପୋଷ୍ୟ ଗ୍ରହଣ, ଉତ୍ତରାଧିକାର ଲାଗି ସମାନ ଆଇନ ବା ୟୁସିସି ଭାଜପାର ନୀତିଗତ ନିଷ୍ପତ୍ତି । ଏହାକୁ ଧର୍ମନିରପେକ୍ଷ କରାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱାଧୀନତା ଦିବସରେ ଉଦ୍‌ବୋଧନ ଦେବା ବେଳେ କହିଥିଲେ । ତେବେ ଏନଡ଼ିଏର ସହଯୋଗୀ ଜେଡିୟୁ, ଏଲଜେପି ଏବଂ ଟିଡିପି ଏଥିରେ ସହମତ ନ ଥିବା ଜଣାପଡିଛି । ସରକାର ନୂଆ ଲ' କମିଶନ ଗଢ଼ିବା ସହ ନୂତନ ଅଧ୍ୟକ୍ଷ ନିଯୁକ୍ତ କରିବା ଆବଶ୍ୟକ ଥିବାରୁ ୟୁସିସି ଚିଠା ପ୍ରସ୍ତୁତିରେ ବିଳମ୍ବ ହେବ ବୋଲି ଆଇନ ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡ଼ିଛି । ବିଚାରବିମର୍ଶ ଶେଷ ହୋଇଥିଲେ ମଧ୍ୟ ଚୂଡ଼ାନ୍ତ ଚିଠା ପ୍ରସ୍ତୁତ ହୋଇପାରି ନ ଥିବା ମନ୍ତ୍ରଣାଳୟର ଜଣେ ଅଧିକାରୀ କହିଛନ୍ତି । ତାଙ୍କ କହିବା ଅନୁଯାୟୀ, ଚିଠା ବିଲ୍ ପ୍ରସ୍ତୁତି ନିମନ୍ତେ କମିଶନ ବିଭିନ୍ନ ଧର୍ମଗୁରୁ, ସିଭିଲ ସୋସାଇଟି ଗ୍ରୁପ ଓ ବିଭିନ୍ନ ଧର୍ମ ଓ ମହିଳା ସଂଗଠନର ପ୍ରତିନିଧିଙ୍କ ସହ ଏକାଧିକ ପର୍ଯ୍ୟାୟ ବିଚାରବିମର୍ଶ କରିଥିଲେ । ୟୁସିସି ସମ୍ପର୍କରେ ୭୫ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରସ୍ତାବ ଓ ମତାମତ ମିଳିଥିଲା ।

ରାଜ୍ୟସ୍ତରୀୟ ରକ୍ଷା ବନ୍ଧନ ଉତ୍ସବ

ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ସଂସ୍ଥାର ୫୦୦ରୁ ଅଧିକ ଝିଅ ରାକ୍ଷୀ ବାନ୍ଧିଲେ

ଭୁବନେଶ୍ୱର, ୧୯।୮
ନ୍ୟୁଜ୍ ବ୍ୟୁରୋ

ସୋମବାର ପବିତ୍ର ରକ୍ଷା ବନ୍ଧନ ଉତ୍ସବ ସାରା ରାଜ୍ୟରେ ଉତ୍ସାହ ଉଦ୍ଦିପନାର ସହ ପାଳିତ ହୋଇଛି । ଏହି ଅବସରରେ ରାଜ୍ୟ ଅତିଥି ଭବନରେ ଏକ ଉତ୍ସବର ଆୟୋଜନ କରାଯାଇଥିଲା ।

କାର୍ଯ୍ୟକ୍ରମରେ ସ୍କୁଲ, କଲେଜ ଓ ବିଭିନ୍ନ ଅନୁଷ୍ଠାନରୁ ଝିଅ ମାନେ ଆସି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସେମାନଙ୍କ ପାଇଁ ଥିଲେ ଆଦରର 'ମୋହନ ଭାଇ' ।

ଝିଅ, ମହିଳା ଓ କୁନି କୁନି ପିଲାମାନେ ଆସି ବନ୍ଦାପନା କରି ମୁଖ୍ୟମନ୍ତ୍ରୀଙ୍କୁ ରାକ୍ଷୀ ବାନ୍ଧିବା ସହିତ ମିଠା ଖୁଆଇ ଦେଇଥିଲେ । ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଆଶୀର୍ବାଦ ଦେଇ ଉପହାର ମଧ୍ୟ ଦେଇଥିଲେ ।

ଏହି ଅବସରରେ ଗଣ ମାଧ୍ୟମ ଆଗରେ ନିଜର ମନ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜି ପବିତ୍ର ରକ୍ଷା ବନ୍ଧନ ଉତ୍ସବ । ଆଜି ମଧ୍ୟ ଗହ୍ମା ପୂର୍ଣ୍ଣିମୀ ପର୍ବ । ଏହି ଅବସରରେ ରାଜ୍ୟର ସବୁ ଭଉଣୀ ମାନଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିବା ସହିତ ସମସ୍ତେ ଯେପରି ସୁରକ୍ଷାର ସହିତ ରହିବେ ସେଥିପାଇଁ ପ୍ରତିଶ୍ରୁତି ଦେଇଥିଲେ । ସେ କହିଥିଲେ ଯେ ଭଉଣୀ ମାନଙ୍କ ପାଇଁ ରାଜ୍ୟ ସରକାର ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି ।

ପରିବର୍ତ୍ତନର ଏ ସମୟରେ ସମସ୍ତେ ଯେପରି ଭଲରେ ରହିବେ ସେଥିପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଏକ ଶାନ୍ତ, ସ୍ନିଗ୍ଧ ଓ ଆନନ୍ଦମୟ ପରିବେଶ ମଧ୍ୟରେ ସମ୍ପାଦିତ ହୋଇଥିଲା ଆଜିର ରକ୍ଷା ବନ୍ଧନ କାର୍ଯ୍ୟକ୍ରମ । ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ସଂସ୍ଥାର ୫୦୦ ରୁ ଅଧିକ ଝିଅ ଓ ମହିଳା ମାନେ ମୁଖ୍ୟମନ୍ତ୍ରୀଙ୍କ *(ପୃଷ୍ଠା ୭ରେ)*

ଆଜିଠୁ ବିଧାନସଭା ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ

ଭୁବନେଶ୍ୱର, ୧୯।୮
ନ୍ୟୁଜ୍ ବ୍ୟୁରୋ

ମଙ୍ଗଳବାର ଠାରୁ ସପ୍ତଦଶ ବିଧାନସଭାର ପ୍ରଥମ ତଥା ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ବୈଠକ ଆରମ୍ଭ ହେବାକୁ ଯାଉଛି । ଏଥିପାଇଁ ପୁଣି ଥରେ ଶାସକ ଏବଂ ବିରୋଧୀ ଦଳ ବିଧାନସଭାରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମୁହାଁମୁହିଁ ହେବା ଲାଗି ନିଜକୁ ପ୍ରସ୍ତୁତ କରିଛନ୍ତି । *(ପୃଷ୍ଠା ୭ରେ)*

ରାଜ୍ୟରେ ଆସନ୍ତା ଦୁଇ ଦିନ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୯।୮
ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଆସନ୍ତା ଦୁଇ ଦିନ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ଦକ୍ଷିଣ ବଙ୍ଗଳାଦେଶ ଓ ତତସଂଲଗ୍ନ ଅଞ୍ଚଳରେ ସଦୃଶ ଲଘୁଚାପ ସକ୍ରିୟ ରହିଛି । ଏହା ଅଧିକ ଘନୀଭୂତ ହୋଇ ଉତ୍ତର ଉତ୍ତର-ପଶ୍ଚିମ ଦିଗକୁ ଗତି କରି ସୋମବାର *(ପୃଷ୍ଠା ୭ରେ)*

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

ସିମ୍‌ବକ୍ସର ମାୟା ଜାଲ : ଡିସେମ୍ବରରେ ଆଶାନ୍ଦୁର ବାଂଲାଦେଶରୁ କଟକ ଆସିଥିଲା

କଟକ, ୧୯।୮
ନ୍ୟୁଜ୍ ବ୍ୟୁରୋ

କଟକରୁ ସିମ୍‌ବକ୍ସ ଜବତ ପରେ କମିଶନରେଟ ପୁଲିସର ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି । ୨୦୨୩ ଡିସେମ୍ବରରୁ ରାଜୁ ମଣ୍ଡଳ ମଧୁପାଟଣା ଅଞ୍ଚଳରେ ଏକ ଭଡ଼ା ଘରେ ରହୁଥିଲା । ଲୁଗା ବ୍ୟବସାୟ କରିବାକୁ କହି ଭଡ଼ା ନେଇଥିଲା ଘର । ଫୋନ ପେ ମାଧ୍ୟମରେ ମାସିକ ୮ ହଜାର ଟଙ୍କା ଭଡ଼ା ଦେଉଥିଲା । ଡିସେମ୍ବରରେ ବାଂଲାଦେଶର ଆଶାନ୍ଦୁର ଜମାନ କଟକ ଆସିଥିଲା । ରାଜୁ ନେଇଥିବା ଭଡ଼ା ଘରେ ସିମ ବକ୍ସ ଲଗାଇଥିଲା ଆଶାନ୍ଦୁର । ସୋମବାର ଏପରି ତଥ୍ୟ ଦେଇଛି କମିଶନରେଟ ପୁଲିସ୍ ।

କମିଶନରେଟ ପୁଲିସର ତଥ୍ୟ ଅନୁସାରେ ଆଶାନ୍ଦୁର ଅଗରତାଲା ଦେଇ ଗତ ଅକ୍ଟୋବରରେ ଭାରତ ଆସିଥିଲା । ଆଶାନ୍ଦୁର ଜମାନର ଭିସା ୨୦୨୪ ଅକ୍ଟୋବର ୨୪ ପର୍ଯ୍ୟନ୍ତ ବୈଧ ରହିଥିଲା । କଟକ ରାଜେନ୍ଦ୍ରନଗର ଭଡାଘରୁ ୫ଟି ସିମ ବକ୍ସ ଜବତ ହୋଇଛି । ୨୩୬ଟି ଆକ୍ଟିଭ ସିମ୍ ସମେତ ୫୪୬ଟି ସିମ୍ ଜବତ ହୋଇଥିବା ପୁଲିସ କହିଛି । ସୂଚନାରୁ ପ୍ରକାଶ, ଦୁଇ ଦିନ ତଳେ ଭୁବନେଶ୍ୱର *(ପୃଷ୍ଠା ୭ରେ)*

ଯୁଦ୍ଧ ଭିତରେ ପ୍ରଥମଥର ପାଇଁ ୟୁକ୍ରେନ ଯିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ନୂଆଦିଲ୍ଲୀ, ୧୯।୮

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଖୁବଶୀଘ୍ର ଯୁଦ୍ଧ କ୍ଷତିଗ୍ରସ୍ତ ୟୁକ୍ରେନ ଗସ୍ତ କରିବେ । ରୁଷ ସହ ଯୁଦ୍ଧ ଆରମ୍ଭ ହେବା ପରେ ପ୍ରଥମଥର ପାଇଁ ମୋଦି ୟୁକ୍ରେନ ଗସ୍ତ କରୁଛନ୍ତି । ଗୋଟିଏ ମାସ ତଳେ ପ୍ରଧାନମନ୍ତ୍ରୀ ମୋଦି ମସ୍କୋ ଗସ୍ତ କରି ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଭେଟିଥିଲେ ।

ଏବେ ସେ ୟୁକ୍ରେନ ଯାଇ ସେଠାକାର ରାଷ୍ଟ୍ରପତି ଭ୍ଲୋଡିମିର ଜେଲେନସ୍କିଙ୍କୁ ସାକ୍ଷାତ କରିବେ ବୋଲି ଜଣାପଡ଼ିଛି । ମୋଦିଙ୍କ ୟୁକ୍ରେନ ଗସ୍ତକୁ ବୈଦେଶିକ ମନ୍ତ୍ରଣାଳୟ ନିଶ୍ଚିତ କରିଛି । ହେଲେ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ତଥ୍ୟ ଦେଇ ନାହିଁ ।

ସୂଚନା ଅନୁସାରେ, ମୋଦି ଆସନ୍ତା ୨୧ରୁ ୨୩ ତାରିଖ ମଧ୍ୟରେ ୟୁକ୍ରେନ ଗସ୍ତ କରିବେ । ସେଠାରେ ସେ ଜେଲେନସ୍କିଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ । ରୁଷର ଘନଘନ ଆକ୍ରମଣ ସତ୍ତ୍ୱେ ଭାରତ କେଉଁ ଭଳି ୟୁକ୍ରେନକୁ ମାନବୀୟ ସହାୟତା ଯୋଗାଇ ଆସୁଛି ଓ ଆଗକୁ ମଧ୍ୟ ନୂଆଦିଲ୍ଲୀ କଣ ସବୁ ସହାୟତା କରିବ, ସେ ବିଷୟରେ ମୋଦି ରାଷ୍ଟ୍ରପତି ଜେଲେନସ୍କିଙ୍କ ସହ କଥା ହେବେ । *(ପୃଷ୍ଠା ୭ରେ)*

ଯୁଦ୍ଧବିରତି ଉଦ୍ୟମ ମଧ୍ୟରେ ଇସ୍ରାଏଲର ଆକ୍ରମଣ: ୨୧ ମୃତ

ଡେଇର ଅଲ୍-ବାଲାହ, ୧୯।୮

ଇସ୍ରାଏଲ ଏବଂ ହମାସ ମଧ୍ୟରେ ଯୁଦ୍ଧବିରତି ଚୁକ୍ତିନାମା ଚୂଡ଼ାନ୍ତ କରିବା ପାଇଁ ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ ଉକ୍ତ ଅଞ୍ଚଳକୁ ଯାଇଥିବାବେଳେ ଜେରୁଜେଲମ ପକ୍ଷରୁ ଆକ୍ରମଣ ଜାରି ରହିଛି । ଗାଜାରେ ଇସ୍ରାଏଲର ବୋମାମାଡ଼ରେ ୬ ଶିଶୁ ଓ ଜଣେ ମହିଳାଙ୍କ ସମେତ ୨୧ ଜଣଙ୍କ ମୃତ୍ୟୁ ଘଟିଛି । ଯୁଦ୍ଧବିରତି ପାଇଁ ମଧ୍ୟସ୍ଥତା କରୁଥିବା ଆମେରିକା, ଇଜିପ୍ଟ ଏବଂ କାତାର ଦୋହାରେ ୨ ଦିନ ଆଲୋଚନା ଚଳାଇଥିଲେ । ତେବେ ଇସ୍ରାଏଲ କେତେକ ନୂଆ ଦାବି ଉଠାଇବାରୁ ହମାସ ଏହାର ବିରୋଧ କରିଥିଲା । ଫଳରେ ବୁଝାମଣା ଅଟକି ରହିଥିବାବେଳେ ଯୁଦ୍ଧବିରତି ନେଇ ମଧ୍ୟସ୍ଥମାନେ ଆଶାବ୍ୟକ୍ତ କରିଛନ୍ତି । ଡେଇର ଅଲ୍-ବଲାହର ଏକ ଘର ଉପରେ ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ ଯୋଗୁ ଜଣେ ମାଆ ଓ ତାଙ୍କ ପିଲାଙ୍କ ସମେତ ୨୧ ଜଣଙ୍କ ମୃତ୍ୟୁ ଘଟିଛି । ପ୍ରତିପକ୍ଷର ଏକ ରକେଟ ଲଞ୍ଚରକୁ ଇସ୍ରାଏଲୀ ସେନା ଧ୍ୱଂସ କରିଦେଇଥିବା କହିଛି ।

ଆସନ୍ତାବର୍ଷଠୁ ହେବ ଛାତ୍ର ସଂସଦ ନିର୍ବାଚନ : ଆଇନ ମନ୍ତ୍ରୀ

ଭୁବନେଶ୍ୱର, ୧୯।୮
ନ୍ୟୁଜ୍ ବ୍ୟୁରୋ

ଚଳିତ ବର୍ଷ ମହାବିଦ୍ୟାଳୟଗୁଡିକରେ ଛାତ୍ରସଂସଦ ନିର୍ବାଚନ ହେବା ନେଇ ଖୋଦ ଉଚ୍ଚଶିକ୍ଷାମନ୍ତ୍ରୀ ଘୋଷଣା କରିବାପରେ ବିଭିନ୍ନ ଛାତ୍ର ସଂଗଠନ ସକ୍ରିୟ ହୋଇ ଉଠିଥିଲେ । ହେଲେ ଏଯାଏଁ କୌଣସି ବିଜ୍ଞପ୍ତି ପ୍ରକାଶ ପାଉନଥିବାରୁ ନିର୍ବାଚନ ଲଢିବାପାଇଁ ଆଶାୟୀଥିବା ଛାତ୍ରଛାତ୍ରୀମାନେ ଦ୍ୱନ୍ଦ୍ୱରେ ରହିଥିଲେ । କାରଣ ନିର୍ବାଚନ ହେବାର ଥିଲେ ବର୍ତ୍ତମାନ ସୁଦ୍ଧା ବିଜ୍ଞପ୍ତି ପ୍ରକାଶ ପାଇବା କଥା ଏବଂ ନିର୍ବାଚନ ସାଧାରଣତଃ ଦୁର୍ଗାପୂଜା ଛୁଟି ପୂର୍ବରୁ ହୋଇ ଫଳାଫଳ ପ୍ରକାଶ ସହିତ ପୂଜା ଛୁଟି ଘୋଷଣା କରାଯାଇଥାଏ ।

ତେବେ ଛାତ୍ରସଂସଦ ନିର୍ବାଚନ ନେଇ ଛାତ୍ରଛାତ୍ରୀ ଦ୍ୱନ୍ଦ୍ୱରେ ରହିଥିବା ବେଳେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଚଳିତ ବର୍ଷ ନିର୍ବାଚନ ହେବ ନାହିଁ ବୋଲି କହିଛନ୍ତି । ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ନୂଆହାଟ ସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟର ୪୫ ତମ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଆସନ୍ତା ବର୍ଷଠୁ କଲେଜରେ ଛାତ୍ର ସଂସଦ ନିର୍ବାଚନ ହେବ । ସେପ୍ଟେମ୍ବର ମାସରେ କଲେଜ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହୋଇଥାଏ । ହେଲେ ନୂଆ ସରକାର ଗଠନ ହେବା ପରଠୁ *(ପୃଷ୍ଠା ୭ରେ)*

୧୫-୨୦ ଦିନ ମଧ୍ୟରେ ବାଂଲାଦେଶରୁ ଓଡ଼ିଆ ଶ୍ରମିକଙ୍କୁ ରାଜ୍ୟକୁ ଫେରାଇ ଅଣାଯିବ: ଶ୍ରମ ମନ୍ତ୍ରୀ

ଭୁବନେଶ୍ୱର, ୧୯।୮
ନ୍ୟୁଜ୍ ବ୍ୟୁରୋ

ବାଂଲାଦେଶରେ ଲାଗିରହିଥିବା ହିଂସା ଓ ସେଠାରେ ହିଂସାରେ ଶିକାର ହେଉଥିବା ପ୍ରବାସୀ ଶ୍ରମିକଙ୍କୁ ନେଇ ରାଜ୍ୟ ସରକାର ତତ୍ପରତା ଦେଖାଇଛନ୍ତି । ରାଜ୍ୟ ସରକାର ବାଂଲାଦେଶରେ ରହୁଥିବା ସମସ୍ତ ଓଡ଼ିଆ ଶ୍ରମିକଙ୍କୁ ତୁରନ୍ତ ରାଜ୍ୟକୁ ଫେରାଇଆଣିବାକୁ ଯୋଜନା କରୁଛନ୍ତି । ଏହି କ୍ରମରେ ସୋମବାର ଶ୍ରମ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ କହିଛନ୍ତି ବାଂଲାଦେଶରେ କେତେ ଓଡ଼ିଆ ଶ୍ରମିକ ରହିଛନ୍ତି ତାର ଏକ ଚିଠା ପ୍ରସ୍ତୁତ ହେଉଛି । ଏନେଇ ସମସ୍ତ ଜିଲ୍ଲାର ଶ୍ରମ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ଶ୍ରମ ଅଧିକାରୀମାନେ ନିଜ ନିଜ ଜିଲ୍ଲାର ଅଫିସିଆଲ ଲିଷ୍ଟ ପଠାଇବା ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରାଯିବ । ପ୍ରାଥମିକ ଭାବେ *(ପୃଷ୍ଠା ୭ରେ)*

ଏକାଳ ସକାଳ

କଲେଜ ଇଲେକ୍ସନ ହେବ ବୋଲିକି
ଛାତ୍ର ଥିଲେ ଆଶାବାନ୍ଧି
ଆରବର୍ଷ ବୋଲି ମନ୍ତ୍ରୀ କହିଦେଲେ
ପ୍ଲାନ୍ ସବୁହେଲା ଛନ୍ଦି
ଅପେକ୍ଷା ଫଳ ମିଠା ସେଓବୁନ୍ଦି
ଏତେଦିନ ତ ମନ ମାରିଥିଲ
ଏବେ ଦଲିଲ୍‌ହେବନି ଫନ୍ଦି ।

କିନ୍ନର ପ୍ରେମିକା ସହ ମିଶି ବାପାର ଜୀବନ ନେଲା ପୁଅ

ଗଞ୍ଜାମ, ୧୯।୮
ନ୍ୟୁଜ୍ ବ୍ୟୁରୋ

ନିଶାଗ୍ରସ୍ତ ବେକାର ପୁଅକୁ ଘାରିଲା ବାପାର ପେନସନ ଟଙ୍କା । ମାତ୍ର ବୃଦ୍ଧ ବାପା ଏହାକୁ ବିରୋଧ କରିବାରୁ ପାଲଟିଗଲା ଶତ୍ରୁ । ଦିନେ ଯେଉଁ ବାପା ହାତ ଧରି ଚାଲିବା ଶିଖାଇଥିଲା, ତାକୁ ଅତି ନିର୍ମମ ଭାବେ ହତ୍ୟା କରିବାକୁ ପଛାଇଲା ନାହିଁ ପୁଅ । ବାପା କାର୍ଡ ହାତେଇବାକୁ ପୁଅ ବାପା ମୁଣ୍ଡକୁ ପିଟିବା ସହ ବାପା ଉପରେ ଆଲମିରା ବି ପକାଇଦେଲା । ଏଥିରେ ପୁଅକୁ ସମ୍ପୂର୍ଣ୍ଣ ସହାୟତା ଯୋଗାଇଥିଲା ତାର କିନ୍ନର ପ୍ରେମିକା । ସମ୍ପତ୍ତି ଲୋଭରେ ନିଜ ବୃଦ୍ଧ ବାପାର ଜୀବନ ନେଇଥିବା ପୁଅ ସମେତ ତା କିନ୍ନର ପ୍ରେମିକାକୁ ବାନ୍ଧିଛି ପୁଲିସ୍ । ମୃତକ ହେଲେ ରାଜସ୍ୱ ବିଭାଗର ଅବସରପ୍ରାପ୍ତ କିରାଣୀ ୭୪ ବର୍ଷୀୟ ଗରୀବବନ୍ଧୁ ପଣ୍ଡା । ଗରୀବବନ୍ଧୁଙ୍କ ହତ୍ୟା ଘଟଣାରେ ପୁଲିସ ତାଙ୍କ ପୁଅ ସନ୍ଦୀପ ପଣ୍ଡା ଓ ତାଙ୍କ କିନ୍ନର ପ୍ରେମିକା ଶ୍ରୀୟାଙ୍କୁ ବାନ୍ଧିଛି ।

ଗରୀବବନ୍ଧୁ ଅଯୋଧ୍ୟା ନଗର ତୃତୀୟ ଲାଇନ୍‌ରେ ନିଜ ଘରେ ରହୁଥିଲେ । ଗରୀବବନ୍ଧୁଙ୍କ ପତ୍ନୀଙ୍କର ବହୁ ବର୍ଷ ପୂର୍ବେ ମୃତ୍ୟୁ ହୋଇ ସାରିଥିବା ବେଳେ ତାଙ୍କ ଝିଅ ଆମେରିକାରେ ରୁହେ । ଗୋଟିଏ ବୋଲି ପୁଅ ସନ୍ଦୀପ ପଣ୍ଡା ଡିପ୍ଲୋମା ପଢ଼ି ମୁମ୍ବାଇରେ ଚାକିରି କରୁଥିଲା । ସନ୍ଦୀପ ପୂର୍ବରୁ ବିବାହିତ ଥିବା ବେଳେ ପତ୍ନୀ ୨ *(ପୃଷ୍ଠା ୭ରେ)*

ବଢିବ ପିଏମ ଆବାସ ଅନୁଦାନ : ୧ ଲକ୍ଷ ୨୦ ହଜାର ବଦଳରେ ଏଣିକି ମିଳିବ ୧ ଲକ୍ଷ ୮୦ ହଜାର

ଭୁବନେଶ୍ୱର, ୧୯।୮
ନ୍ୟୁଜ୍ ବ୍ୟୁରୋ

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନୁଦାନ ବୃଦ୍ଧି ହେବ । ଏନେଇ ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବି ନାୟକ ସୂଚନା ଦେଇଛନ୍ତି । ମନ୍ତ୍ରୀଙ୍କ କହିବାନୁଯାୟୀ, ପିଏମ ଆବାସ ଯୋଜନାରେ ହିତାଧିକାରୀଙ୍କୁ ମିଳୁଥିବା ସହାୟତା ରାଶିର ପରିମାଣ ବୃଦ୍ଧି ହେବ । ଅନୁଦାନ ୧ ଲକ୍ଷ ୨୦ ହଜାରରୁ ବଢ଼ି ୧ ଲକ୍ଷ ୮୦ ହଜାର ହେବ । ଏଥିପାଇଁ ଖୁବ ଶୀଘ୍ର ଗାଇଡଲାଇନ ଆସିବ ।

ମନ୍ତ୍ରୀ ଆହୁରି କହିଛନ୍ତି, ଶୌଚାଳୟ ନିର୍ମାଣ ଅନୁଦାନ ବି ବୃଦ୍ଧି କରାଯିବ । ଶୌଚାଳୟ ପାଇଁ ପୂର୍ବରୁ ୧୨ ହଜାର ଟଙ୍କା ଦିଆଯାଉଥିଲା । ବର୍ତ୍ତମାନ ତାକୁ ୨୦ ହଜାର ଟଙ୍କା ଦିଆଯିବା ପାଇଁ *(ପୃଷ୍ଠା ୭ରେ)*

27 YEARS
ସମ୍ବାଦ କଣିକା
ଭୁବନେଶ୍ୱର, ୨୦ ଅଗଷ୍ଟ ୨୦୨୪ ମଙ୍ଗଳବାର

ମହାନଦୀ ଇଲିସି ଏବେ ସାତସପନ: ନଈ, ସମୁଦ୍ର ପ୍ରଦୂଷଣ ମତ୍ସ୍ୟଜୀବୀଙ୍କ ପାଇଁ କାଳ

କୁଜଙ୍ଗ, ନ୍ୟୁଜ ବ୍ୟୁରୋ

ମହାନଦୀ ଇଲିସି ଏବେ ସାତ ସପନ। ପୂର୍ବଭଳି ପାରାଦୀପ ନିକଟରେ ଇଲିସି ଆଉ ମିଳୁନି। ପ୍ରଦୂଷଣ ହେତୁ ପାରାଦୀପ ଓ କୁଜଙ୍ଗ ଉପକୂଳ ଅଞ୍ଚଳରେ ମତ୍ସ୍ୟ ଉତ୍ପାଦନ ଗୁରୁତର ଭାବେ ହ୍ରାସ ପାଇଛି। ବିଭିନ୍ନ ଶିଳ୍ପସଂସ୍ଥା ତଥା ଅନୁଷ୍ଠାନର ବର୍ଜ୍ୟବସ୍ତୁ ମହାନଦୀରେ ମିଶିବା ଫଳରେ ମାଛ ପରିମାଣ କମୁଛନ୍ତି। ମହାନଦୀ ମୁହାଣ ଅଞ୍ଚଳରେ ମିଳୁଥିବା ରୋହି, ଭାକୁର, ଖଏଙ୍ଗା, ଇଲିସି ଭଳି ମାଛ ଆଉ ପୂର୍ବ ଭଳି ମିଳୁନାହିଁ। ଏଭଳି ସ୍ଥିତିରେ ବର୍ଷବର୍ଷ ଧରି ମହାନଦୀରୁ ମଧୁର ଜଳ ମତ୍ସ୍ୟ ସମ୍ପଦ ଉପରେ ନିର୍ଭର କରି ନିଜର ପରିବାର ପ୍ରତିପୋଷଣ କରିଆସୁଥିବା ଲୋକେ ଜୀବିକା ହରାଇଛନ୍ତି। ଜଗତସିଂହପୁର ଜିଲ୍ଲାର କୁଜଙ୍ଗ, ଏରସମା, କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡା, ମାର୍ଶାଘାଇ ଆଦି ଅଞ୍ଚଳର ମତ୍ସ୍ୟଜୀବୀମାନେ ମୁଖ୍ୟତଃ ମହାନଦୀରୁ ମାଛ ମାରିଥାନ୍ତି। ମହାନଦୀର ମଧୁର ଜଳରୁ ରୋହୀ,ଭାକୁର, ଖଏଙ୍ଗା, ଇଲିସି ଆଦି ବିଭିନ୍ନ ପ୍ରଜାତିର ମାଛ ପ୍ରଚୁର ପରିମାଣରେ ପୂର୍ବରୁ ମିଳୁଥିବା ବେଳେ କିଛି ପ୍ରଜାତିର ମାଛ ସମୁଦ୍ରରୁ ନଦୀକୁ ଚାଲି ଆସିଥାନ୍ତି। କୁଜଙ୍ଗ ବ୍ଲକର ଗଣ୍ଡତକିପୁର, କାଳିଆପାଟ, ଫତେପୁର, ମଙ୍ଗରାଜପୁର, ବିଶ୍ୱାଳୀ, ଭୂତମୁଣ୍ଡାଇ, ହସିଣା, ବଳରାମପୁର, ଜିଲ୍ଲାନାସୀ, ଜୟଶଙ୍କପୁର, ତେନ୍ତୁଳିଆଖମାର, ତାଳଦଣ୍ଡା, ପାରାଦୀପଗଡ, ନୂଆଗଡ, ବାଲିଡ଼ିଆ, ଚଉମୁହାଁଣି, ସିଙ୍ଗିଟାଳୀ, ବଗଦିଆ, ଡାଳିମ୍ବପୁର ଆଦି ଗ୍ରାମର କୈବର୍ତ୍ତମାନେ ମହାନଦୀରୁ ମାଛମାରି ଜୀବିକା ନିର୍ବାହ କରିଥାନ୍ତି। କିନ୍ତୁ ବିଭିନ୍ନ ଶିଳ୍ପସଂସ୍ଥା, କଳକାରଖାନାର ବର୍ଜ୍ୟବସ୍ତୁ ପାଇଁ ମହାନଦୀ ମୁହାଁଣ ପ୍ରଦୂଷିତ ହେବାରେ ଲାଗିଛି। ଏହା ଦ୍ୱାରା ସମୁଦ୍ରରୁ ନଦୀକୁ ଆଉ ମାଛ ଆସୁ ନାହାନ୍ତି। ମହାନଦୀରେ ମଧୁର ଜଳ ମତ୍ସ୍ୟ ଉତ୍ପାଦନ ହ୍ରାସ ପାଇ ଚାଲିଛି। ଏବେ କାଁଭାଁ ସମୁଦ୍ର ଇଲିସି ଅଠରବାଙ୍କୀ ବାଲିପୁଟ ଓ ପାରାଦୀପ ମାଛଧରା ବନ୍ଦରରେ ମିଳୁଛି। ପାରାଦୀପ ଓ କୁଜଙ୍ଗ ନିକଟବର୍ତ୍ତୀ ଅଞ୍ଚଳରେ ମହାନଦୀ ଓ ସମୁଦ୍ରର ପ୍ରଦୂଷଣ ରୋକିବା ଦିଗରେ ଦୃଢ଼ ପଦକ୍ଷେପ ନ ନେଲେ ମତ୍ସ୍ୟ ସଂପଦ ଲୋପ ପାଇବା ସହ ଅଞ୍ଚଳର ଅର୍ଥନୀତି ଭୁଶୁଡ଼ି ପଡ଼ିବ।

ଡରାଇଲାଣି ବଜ୍ରପାତ: ସତର୍କ ରହିବାକୁ ଏସ୍‌ଆରସିଙ୍କ ପରାମର୍ଶ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଡରାଇଲାଣି ବଜ୍ରପାତ। ଉପକୂଳରୁ ଉତ୍ତର ପର୍ଯ୍ୟନ୍ତ, ସବୁଠି ବଜ୍ରପାତ ଯୋଗୁଁ ସାଧାରଣ ଲୋକଙ୍କ ଜୀବନ ଯାଉଛି। ବ୍ୟାପକ ସଚେତନ ସହ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିଲେ ମଧ୍ୟ ଏହାକୁ ରୋକାଯାଇପାରି ନାହିଁ। ଦୁଇ ଦିନରେ ବଜ୍ରପାତରେ ସାରା ରାଜ୍ୟରେ ୧୭ଜଣଙ୍କ ମୃତ୍ୟୁ ହେବା ପରେ ନିଜକୁ ସୁରକ୍ଷିତ ରଖିବାକୁ ସ୍ୱତନ୍ତ୍ର ରିଲିଫ୍ କମିସନର(ଏସ୍‌ଆରସି)ଙ୍କ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣ ଲୋକଙ୍କୁ ନିବେଦନ କରାଯାଇଛି। ଜିଲ୍ଲାରୁ ଗ୍ରାମ ପଞ୍ଚାୟତ ସ୍ତର ପର୍ଯ୍ୟନ୍ତ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ଆହ୍ୱାନ ମଧ୍ୟ ଦିଆଯାଇଛି। ଏସ୍‌ଆରସିଙ୍କ ପକ୍ଷରୁ ସ୍ପଷ୍ଟ ଭାବେ କୁହାଯାଇଛି ଯେ ବଜ୍ରପାତ ସମୟରେ ଯେକୌଣସି ବ୍ୟକ୍ତି ଯଦି ଘର ବାହାରେ ଥାଆନ୍ତି ତଥା ନିଜକୁ ଅସୁରକ୍ଷିତ ମଣୁଥାନ୍ତି, ତେବେ ଯଥାଶୀଘ୍ର ନଇଁପଡ଼ି ଆଣ୍ଠୁ ବଙ୍କା କରି ଆଗକୁ ଝୁଙ୍କି ବସି ପଡ଼ିବା ଦରକାର। ଭୂମିରେ ଚିତ ହୋଇ ଶୋଇବାକୁ ବାରଣ କରାଯାଇଛି। ଦୁଇ ଗୋଡ଼ର ଗୋଇଠି ଯେପରି ଲାଗିରହିବ ସେଥ ?ପ୍ରତି ଅଧିକ ଯତ୍ନବାନ ହେବା, ଦୁଇ ପାଦର ଆଙ୍ଗୁଠି ତଳ ଅଂଶ କେବଳ ଭୂମି ସଂସ୍ପର୍ଶରେ ଆସୁଥିବ ଏବଂ ହାତ ପାପୁଲି ସାହାଯ୍ୟରେ ଦୁଇ କାନକୁ ବନ୍ଦ କରିବାକୁ ପରାମର୍ଶ ଦିଆଯାଇଛି। ଏପରି କରିବା ଦ୍ୱାରା ବୈଦ୍ୟୁତିକ ଝଟକା କମ୍ ଲାଗିଥାଏ ଏବଂ ଗୋଡ଼ର ଗୋଟିଏ ଗୋଇଠିରୁ ଅନ୍ୟ ଗୋଇଠିକୁ ପ୍ରବାହିତ ହୋଇ ଶରୀରର ଅନ୍ୟ କୌଣସି ଅଙ୍ଗରେ ପ୍ରବାହିତ ହୋଇ ନ ଥାଏ। କାନ ବନ୍ଦ ରଖିବା ଦ୍ୱାରା ବଜ୍ରପାତରୁ ଉତ୍ପନ୍ନ ଶବ୍ଦରୁ କାନକୁ ରକ୍ଷା କରାଯାଇ ପାରିବ। ଘଡ଼ଘଡ଼ି ଶବ୍ଦ ଶୁଣିଲେ ଖୋଲା ସ୍ଥାନରୁ ଯଥାଶୀଘ୍ର କୌଣସି ଏକ ପକ୍କା ଘର ଭିତରକୁ ଚାଲିଯାଆନ୍ତୁ। ମୋଟା ଚଦର ଛାତ ଥିବା ଗାଡ଼ି ଯଥା କାର, ବସ୍ ଆଦି ଯାନ ମଧ୍ୟ ନିରାପଦ ହୋଇପାରିବ। ଘର ଭିତରେ ଥିବା ସମୟରେ କାନ୍ଥ, ଝରକା ଓ କବାଟଠାରୁ ଦୂରେଇ ରୁହନ୍ତୁ। ନିରାପଦ ଆଶ୍ରୟ ସ୍ଥଳୀଠାରୁ ଦୂରରେ ଥିଲେ ଖାଲୁଆ ଜାଗା ଦେଖି ଯାକିଜୁକି ହୋଇ ରହିଯାଆନ୍ତୁ। ମୁଣ୍ଡ ଓ ଦେହରୁ ଧାତୁ ତିଆରି ଜିନିଷ ଅଲଗା କରନ୍ତୁ। ନିଜେ ଯଥା ସାଧ୍ୟ କମ୍ ଉଚ୍ଚତାରେ ରୁହନ୍ତୁ। ମୁଣ୍ଡ ବାଳ ଠିଆ ହୋଇଗଲେ କିମ୍ବା ପାଖ ପଥର ଆଦିରୁ ପ୍ରତିଫଳିତ ଶବ୍ଦ କାନକୁ ଶୁଭିଲେ ସେ ସ୍ଥାନ ଛାଡ଼ି ତୁରନ୍ତ ଚାଲି ଯାଆନ୍ତୁ। ଗାଡ଼ି ଆସ୍ତେ ଚଳାନ୍ତୁ। ଗଛ କିମ୍ବା ବିଦ୍ୟୁତ୍ ତାର ଓ ଖୁଣ୍ଟଠାରୁ ଯଥାସମ୍ଭବ ଦୂରରେ ରୁହନ୍ତୁ। ପୋଖରୀ ଅଥବା ଜଳାଶୟ ନିକଟରେ ରୁହନ୍ତୁ ନାହିଁ। ଯଦି ଆପଣ ପାଣି କିମ୍ବା ଡଙ୍ଗା ଭିତରେ ଅଛନ୍ତି ଯଥାଶୀଘ୍ର କୂଳକୁ ବାହାରି ଆସନ୍ତୁ। ନିରାପଦ ସ୍ଥାନକୁ ଚାଲି ଯାଆନ୍ତୁ। ବଜ୍ରପାତ ସମ୍ଭାବନା ଦେଖା ଦେଲେ ଗୃହପାଳିତ ପଶୁମାନଙ୍କୁ ବାହାରେ ନା ଛାଡ଼ି ଘର ଭିତରେ ରଖନ୍ତୁ। ବଜ୍ରପାତ ସମୟରେ ବିଦ୍ୟୁତ୍‌ଚାଳିତ ଉପକରଣ ଓ ତାରଯୁକ୍ତ ଟେଲିଫୋନ୍/ମୋବାଇଲ ଫୋନ୍ ବ୍ୟବହାର କରନ୍ତୁ ନାହିଁ। ଖୋଲା ଘର କିମ୍ବା ତମ୍ବୁ ତଳେ ଆଶ୍ରୟ ଏସମୟରେ ନିରାପଦ ନୁହେଁ। ଗଛ ତଳେ କିମ୍ବା ବୁଦା ନିକଟରେ ଆଶ୍ରୟ ନେବାକୁ ବାରଣ କରାଯାଇଛି। ଘଡ଼ଘଡ଼ି ମାରୁଥିବା ସମୟରେ ଗୁଡ଼ି ନ ଉଡ଼ାଇବା, ହାତରେ ମାଛଧରା ବନିଶି କିମ୍ବା ଲୁହା ବେଣ୍ଟ ଛତା, ଲୁହା ଛଡ଼ ନ ଧରିବାକୁ କୁହାଯାଇଛି। କୌଣସି ଧାତୁ ତିଆରି ଜିନିଷକୁ ଛୁଅନ୍ତୁ ନାହିଁ। ଲୁହାଖମ୍ବ, ଲୁହା ଛଡ଼ ଓ ଲୁଗା ଶୁଖାଇବା ତାର ଠାରୁ ଦୂରରେ ରୁହନ୍ତୁ। ସାଇକେଲ ଓ ଖୋଲା ଗାଡ଼ିରେ ନବୁଲିବାକୁ ପରାମର୍ଶ ଦିଆଯାଇଛି।

ନିବେଶ ପାଇବାରେ ଖୋର୍ଦ୍ଧା ଆଗରେ: ୪୨,୬୧୪ କୋଟିର ପୁଞ୍ଜି

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ରାଜ୍ୟରେ ଚାଲିଥିବା ଶିଳ୍ପାୟନରେ ଖୋର୍ଦ୍ଧା ଜିଲ୍ଲା ଏକ ପ୍ରମୁଖ ସ୍ଥାନ ଭାବେ ଉଭା ହୋଇଛି। ରାଜ୍ୟର ପାରମ୍ପରିକ ଶିଳ୍ପ ଜିଲ୍ଲାଗୁଡ଼ିକୁ ଏହା ପଛରେ ପକାଇ ଦେଇଛି। ଗତ ପାଞ୍ଚ ବର୍ଷରେ ଖୋର୍ଦ୍ଧା ସର୍ବାଧିକ ପୁଞ୍ଜିନିବେଶ ପ୍ରସ୍ତାବ ହାସଲ କରିଛି। ଜଗତସିଂହପୁର ଓ ଅନୁଗୁଳକୁ ଏହା ପଛରେ ପକାଇ ଦେଇଛି। ସରକାରୀ ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ ଗତ ପାଞ୍ଚ ବର୍ଷରେ ଖୋର୍ଦ୍ଧା ୪୨,୬୧୪ କୋଟି ଟଙ୍କାର ନିବେଶ ପ୍ରସ୍ତାବ ହାସଲ କରିଛି। ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ଜିଲ୍ଲାରେ ୨,୧୭,୩୩୧ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ସମୟରେ ଜଗତସିଂହପୁର ୨୬,୬୩୦ କୋଟି ଟଙ୍କା ଓ ଅନୁଗୁଳ ୨୧,୫୩୨ କୋଟି ଟଙ୍କାର ନିବେଶ ପ୍ରସ୍ତାବ ଆକୃଷ୍ଟ କରିଛନ୍ତି। ଏ ସମ୍ପର୍କରେ ଜଣେ ଅଧିକାରୀ କହିଛନ୍ତି ଯେ ରାଜ୍ୟ ରାଜଧାନୀ ଭୁବନେଶ୍ୱର ପାଖାପାଖି ଥିବାରୁ ଖୋର୍ଦ୍ଧା ଏକ ଉପଯୁକ୍ତ ସ୍ଥାନରେ ପରିଣତ ହୋଇଛି। ସେଠାରେ ଉନ୍ନତ ଭିତ୍ତିଭୂମି, ଦକ୍ଷ ମାନବ ସମ୍ବଳ ଓ ପ୍ରଶାସନିକ ସହାୟତା ସହଜରେ ମିଳିଯାଉଛି। ସଡ଼କ ପଥ, ରେଳପଥ ଓ ବିମାନବନ୍ଦରର ସଂଯୋଗ ମଧ୍ୟ ଏହାର ପାଖାପାଖି ରହିଛି। ଫଳରେ ଏହି ଅଞ୍ଚଳରେ କାରଖାନା ସ୍ଥାପନ କରୁଥିବା ସଂସ୍ଥାଗୁଡ଼ିକ ସହଜରେ ନିଜ ସାମଗ୍ରୀକୁ ଦେଶର ବିଭିନ୍ନ ସ୍ଥାନକୁ ପଠାଇପାରୁଛନ୍ତି। ଖୋର୍ଦ୍ଧା ରାଜ୍ୟର ଏକ ପ୍ରମୁଖ ଲଜିଷ୍ଟିକ୍ସ ହବ୍ ଭାବେ ଉଭା ହେଉଥିବା ସେ କହିଛନ୍ତି। ଖୋର୍ଦ୍ଧାରେ ସୂଚନା ପ୍ରଯୁକ୍ତି, ଇଲେକ୍ଟ୍ରୋନିକ୍ସ, କୃଷିଭିତ୍ତିକ ଶିଳ୍ପ ସ୍ଥାପନ କରିବା ଲାଗି ଶିଳ୍ପସଂସ୍ଥାଗୁଡ଼ିକ ମଧ୍ୟରେ ଆଗ୍ରହ ରହିଛି। ରାଜ୍ୟ ସରକାର ସେଠାରେ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ (ଏସ୍‌ଇଜେଡ୍), ଶିଳ୍ପ ପାର୍କ ଓ ଆଇଟି କରିଡର ବିକାଶ କରୁଥିବାରୁ ଉଭୟ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ନିବେଶକମାନେ ସେଠାରେ ପୁଞ୍ଜିନିବେଶ କରିବାକୁ ଆଗ୍ରହ ଦେଖାଇଛନ୍ତି। ଚଳିତ ବର୍ଷ ମାର୍ଚ୍ଚରେ ସିଙ୍ଗଲ ୱିଣ୍ଡୋ କର୍ତ୍ତୃପକ୍ଷ ମଞ୍ଜୁର କରିଥିବା କେତେକ ଶିଳ୍ପ ପ୍ରକଳ୍ପ ଖୋର୍ଦ୍ଧାରେ ସ୍ଥାପନ ହେବାକୁ ଯାଉଛି। ଖୋର୍ଦ୍ଧାରେ ୱେରି କ୍ଲିନ୍ ଏନର୍ଜି ସଲ୍ୟୁସନ୍ସ ୪୩୫ କୋଟି ଟଙ୍କା, ଏସ୍‌ଏସ୍‌ଆଇଏଲ୍ ପେଣ୍ଟ ଇଣ୍ଡଷ୍ଟ୍ରିଜ୍ ୧୫୦ କୋଟି ଟଙ୍କା, ଓଏଫ୍‌ବି ଟେକ୍ ୮୫୭ କୋଟି ଟଙ୍କା, ଶାଲିମାର ୱେର୍ସ ଇଣ୍ଡଷ୍ଟ୍ରିଜ୍ ୭୬ କୋଟି ଟଙ୍କା ନିବେଶ କରିବାକୁ ଘୋଷଣା କରିଛନ୍ତି। ସେହିପରି ସୋଲିସିସ୍ ସୋଲାର ପକ୍ଷରୁ ଖୋର୍ଦ୍ଧାରେ ୫୯.୫୦ କୋଟି ଟଙ୍କା, ଇଣ୍ଡିଆନ୍ ଷ୍ଟିଚେସ୍ ପକ୍ଷରୁ ୫୦.୫୫ କୋଟି ଟଙ୍କା, ଏସ୍‌ଜିବିଏଲ୍ ଇନ୍‌ଫୋସିଷ୍ଟମ୍‌ସ ପକ୍ଷରୁ ୬୦.୦୬ କୋଟି ଟଙ୍କା, ନନ୍ଦରାଜ ଏଗ୍ରୋଟେକ୍ ପକ୍ଷରୁ ୯୨.୬୦ କୋଟି ଟଙ୍କା ଓ ପଣ୍ଡା ଇଷ୍ଟେଟ୍‌ସ ପକ୍ଷରୁ ୧୧୨.୮୦ କୋଟି ଟଙ୍କା ନିବେଶ କରାଯିବ।

ଶ୍ରାବଣରେ ଶୁଖିଲା ଚିରସ୍ରୋତା ଭାଷ୍କେଲ: ଜଳବାୟୁ ପରିବର୍ତ୍ତନର ସାଂଘାତିକ ପ୍ରଭାବ

ନବରଙ୍ଗପୁର, ନ୍ୟୁଜ ବ୍ୟୁରୋ

ଶ୍ରାବଣ ସରିବ କିନ୍ତୁ ଶୁଖିଲା ପଡ଼ିଛି ଚିରସ୍ରୋତା ଭାଷ୍କେଲ। ୫ବର୍ଷ ହେଲା ନଦୀରେ ବନ୍ୟାଜଳ ସୁଦ୍ଧା ପଶିନି। ୮ବର୍ଷ ହେଲା ଗ୍ରୀଷ୍ମରେ ସଂପୂର୍ଣ୍ଣ ଶୁଖିଯାଉଛି। ଜଳବାୟୁ ପରିବର୍ତ୍ତନର ଏମିତି ସାଂଘାତିକ ପରିଣାମ ବର୍ତ୍ତମାନ ଭାଷ୍କେଲ ନଦୀ ଭୋଗୁଛି। ଯାହାଫଳରେ ନଈକୂଳିଆ ଅଞ୍ଚଳରେ ଜଳ ସଂକଟ ସହ ଚାଷ ମଧ୍ୟ ପ୍ରଭାବିତ ହେଉଛି। ଉମରକୋଟ ବ୍ଲକ କୋପେନା ପଞ୍ଚାୟତ ଅନ୍ତର୍ଗତ ଆପେମୁଣ୍ଡା ଭାଷ୍କେଲ ନଦୀର ଉତ୍ପତ୍ତିସ୍ଥଳ। ଡାବୁଗାଁ ବ୍ଲକ ଦେଇ କୋଷାଗୁମୁଡା ବ୍ଲକ ଉକିଆପଲ୍ଲି ପଞ୍ଚାୟତ ଘାଟବାସୁଲି ଠାରେ ଇନ୍ଦ୍ରାବତୀ ନଦୀରେ ମିଶିଛି। ପ୍ରାୟ ୭୦କିଲୋମିଟର ନବରଙ୍ଗପୁର ଜିଲ୍ଲାରେ ଅତିକ୍ରମ କରୁଛି। ୧୦ବର୍ଷ ତଳେ ଭାଷ୍କେଲ ପାଣି ଉଛୁଳି କୂଳ ଲଂଘୁଥିଲା। ଜୁଲାଇ ମାସରେ ନଦୀ ଫୁଲିଯିବା ସହ ଅଗଷ୍ଟ ଓ ସେପଟ୍ଟେମ୍ବର ମାସରେ ୩ରୁ ୪ଥର ବନ୍ୟା ପରିସ୍ଥିତି ସୃଷ୍ଟି ହେଉଥିଲା। ଚଳିତବର୍ଷ ଶ୍ରାବଣ ମାସରେ ଯାହା ଜଳସ୍ତର ରହିଛି ନଦୀର ଅସ୍ତିତ୍ୱ ପ୍ରତି ସଂକଟ ସୃଷ୍ଟି କରିଛି। ୪ବର୍ଷ ହେଲା ନଦୀର ଧାରା କୂଳ ଛୁଇଁପାରୁନି ବୋଲି ଧୋଡ଼ା ଗ୍ରାମବାସୀ କହିଛନ୍ତି। ଅନେକ ଅଞ୍ଚଳ ଟାଙ୍ଗରା ଭୂଇଁରେ ପରିଣତ ହୋଇସାରିଥିବା ପ୍ରକାଶ କରିଛନ୍ତି। ନଦୀ ପାର୍ଶ୍ୱ ସବୁଜିମା ମଧ୍ୟ ଯଥେଷ୍ଟ ହ୍ରାସ ପାଇଛି। ନବରଙ୍ଗପୁର ଜିଲ୍ଲାର ଦ୍ୱିତୀୟ ଜୀବନରେଖା ଏମିତି ରୂପ ପରିବର୍ତ୍ତନ ପଛର ଅନେକ କାରଣ ମଧ୍ୟରୁ ସ୍ୱଳ୍ପବୃଷ୍ଟି ପ୍ରମୁଖ। ଜିଲ୍ଲାର ମୋଟ ଜମିର ୫୦ପ୍ରତିଶତ ଜଙ୍ଗଲ ସଂପଦ। ତେବେ କିଛି ବର୍ଷ ହେଲା ଜବରଦଖଲ ଏବଂ ଜଙ୍ଗଲ ଜମି ଅଧିକାରରେ ମିଳୁଥିବା ପଟ୍ଟା ଯୋଗୁଁ ଘଞ୍ଚ ଜଙ୍ଗଲ ପଦା ହେବାରେ ଲାଗିଛି। ସରକାରୀ ରିପୋର୍ଟ ଅନୁଯାୟୀ କେବଳ ବନ ବିଭାଗର ୩୦ହଜାର ହେକ୍ଟର ଜଙ୍ଗଲ ଜମି ଜବରଦଖଲରେ ରହିଛି। ଗ୍ରାମ୍ୟ ଜଙ୍ଗଲ ଜବରଦଖଲ ନେଇ କୌଣସି ହିସାବ ଏଯାଏ ହୋଇନି। ତେଣୁ ପାଣିପାଗରେ ଆସିଥିବା ଫରକ ଯୋଗୁଁ ଶ୍ରାବଣରେ ବି ବର୍ଷା କମିବାରେ ଲାଗିଛି। ସେହିପରି ବ୍ୟାପକ ନୀଳଗିରି ଚାଷ ଯୋଗୁଁ ଭୂତଳ ଜଳସ୍ତର ଦ୍ରୁତଗତିରେ ହ୍ରାସ ପାଉଛି। ତଥାପି ନଦୀକୁ ଜୀବିତ ରଖିବାକୁ ସରକାରୀସ୍ତରରେ ଠୋସ୍ ପଦକ୍ଷେପ ନିଆଯାଇନି। ବର୍ଷା ଦିନେ ବୋହି ଯାଉଥିବା ପାଣିକୁ ଗଚ୍ଛିତ ରଖିବାକୁ ଉପରମୁଣ୍ଡରେ ବ୍ୟାରେଜ୍ ନିର୍ମାଣ ହୋଇପାରୁନି। ବର୍ଷ ସାରା ଯାହା ପାଣି ପ୍ରବାହିତ ହେଉଛି ସେଥିରୁ ଅଧିକାଂଶ ଛତିଶଗଡ଼କୁ ଚାଲିଯାଉଛି। ନଦୀର ସୁରକ୍ଷା ଲାଗି ବନ୍ଧ ବାନ୍ଧିବା ସହ କୂଳରେ ବ୍ୟାପକ ବୃକ୍ଷରୋପଣ କରିବାକୁ ପରିବେଶବିତ୍ ପରାମର୍ଶ ଦେଇଛନ୍ତି।

ଭୁବନେଶ୍ୱର ପାଲଟିଛି ଡେଙ୍ଗୁ ଜୋନ୍

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ରାଜ୍ୟରେ ବଢୁଛି ଡେଙ୍ଗୁ ରୋଗୀଙ୍କ ସଂଖ୍ୟା। ଆଉ ରାଜଧାନୀ ଭୁବନେଶ୍ୱରେ ସ୍ଥିତି ଉଦବେଗଜନକ। ବିଶେଷ କରି ଭୁବନେଶ୍ୱର ନୀଳାଦ୍ରି ବିହାର ପାଲଟିଛି ଡେଙ୍ଗୁ ଜୋନ୍। କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମଙ୍କ ପତ୍ନୀ ଝିଙ୍ଗିଆ ଓରାମଙ୍କର ଡେଙ୍ଗୁରେ ନିଧନ ପରେ ଚିନ୍ତା ବଢିଛି। ନୀଳାଦ୍ରି ବିହାରରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କର ଘର ଥିବା ବେଳେ ସେଠାରେ ହିଁ ତାଙ୍କ ପତ୍ନୀଙ୍କୁ ଡେଙ୍ଗୁ ହୋଇଥିବା ଜୁଏଲ ଆଜି ଗଣମାଧ୍ୟମକୁ କହିଛନ୍ତି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର କହିଛନ୍ତି, ସମଗ୍ର ରାଜ୍ୟରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ୨ ହଜାର ପାଖାପାଖି ଅଛି । ଖୋର୍ଦ୍ଧାରୁ ସର୍ବାଧିକ ୫୦୦ ପାଖାପାଖି ରୋଗୀ ଅଛନ୍ତି । ଏହାପଛକୁ ରହିଛନ୍ତି ସୁନ୍ଦରଗଡ଼ ଓ ରାଉରକେଲା ସହର, ବଲାଙ୍ଗୀର ଓ କଟକ ।

ସେପଟେ ଡେଙ୍ଗୁ ପ୍ରତି ଲୋକଙ୍କୁ ସଚେତନ ହେବାକୁ ପଡିବ। ଏକାମ୍ର ବିଧାୟକ ବାବୁ ସିଂ ଡେଙ୍ଗୁ ସ୍ଥିତି ପାଇଁ ବିଏମସିକୁ ଦାୟୀ କରିଛନ୍ତି । ଅବହେଳା ପାଇଁ ସରକାରୀସ୍ତରରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଚେତାବନୀ ଦେଇଛନ୍ତି । ସେପଟେ ବିଏମସି ସମସ୍ତ ପଦକ୍ଷେପ ନେଉଥିବା କହିଛନ୍ତି ମେୟର।

ସଂକଟରେ ଗଜରାଜ: କେଉଁଠି ବିଦ୍ୟୁତ୍ ଆଘାତରେ ତ ଆଉ କେଉଁଠି ରେଳ ଧାରଣାରେ କଟି ଯାଉଛି ଜୀବନ

ରେଢାଖୋଲ/ବଣାଇଁ, ନ୍ୟୁଜ ବ୍ୟୁରୋ

ସଂକଟରେ ଗଜରାଜ । ରାଜ୍ୟର ଦୁଇଟି ଭିନ୍ନ ଭିନ୍ନ ସ୍ଥାନରେ ଦୁଇଟି ହାତୀ ମୃତ୍ୟୁବରଣ କରିଛନ୍ତି । ରେଢାଖୋଲରେ ବିଦ୍ୟୁତ୍ ଆଘାତରେ ହାତୀ ମୃତ୍ୟୁ ହୋଇଥିବାବେଳେ ବଣାଇଁରେ ରେଳ ଧାରଣାରେ କଟି ଛୁଆହାତୀ ମୃତ । ରେଢାଖୋଲ ବନଖଣ୍ଡ ନାକଟିଦେଉଳ ରେଞ୍ଜ ଚରଡପସି ନିକଟସ୍ଥ ଚହଟାପଦା ଠାରେ ୧୧କେଭି ବିଦ୍ୟୁତ ଲାଗି ହାତୀର ମୃତ୍ୟୁ ହୋଇଥିବା ସୂଚନା ।ଖବର ପାଇ ଘଟଣାସ୍ଥଳରେ ବନ ବିଭାଗ ପହଞ୍ଚି କରୁଛି ତଦନ୍ତ । ସେହିପରି ବଣାଇଁରେ ରେଳ ଧାରଣାରେ କଟି ଛୁଆହାତୀ ମୃତ। ମୃତଦେହ ଜଗି ରହିଛନ୍ତି ମା' ହାତୀ ଓ ହାତୀପଲ । ବରସୁଆଁ ରେଞ୍ଜ ଚୋରଧରା ସେକ୍ସନ ସୁନୁବୁରୁ ରେଳ ଧାରଣା ନିକଟରେ ପଡି ରହିଛି ଛୁଆ ହାତୀର ମୃତଦେହ ।

ରାୟଗଡାରେ ମାତିଛି ଅଜଣା ରୋଗ :୪ ମୃତ

ରାୟଗଡା, ନ୍ୟୁଜ ବ୍ୟୁରୋ

କାମ ଦେଉନି ଔଷଧ। ଅଜଣା ରୋଗ ନେଲାଣି ୪ ଜୀବନ। ରାୟଗଡା ଜିଲ୍ଲା ଚନ୍ଦ୍ରପୁର ବ୍ଲକ ଜୁବାଗୁଡି ଗାଁରେ ଅଜଣା ରୋଗକୁ ନେଇ ଏବେ ଆତଙ୍କିତ ଗ୍ରାମବାସୀ। ଡାକ୍ତର ଦେଇଥିବା ଔଷଧ କାମ ଦେଉନଥିବାରୁ ରୋଗୀଙ୍କ ଚିନ୍ତା ବଢ଼ିଛି। ହତାଶ ହୋଇ ଶେଷରେ ଚେରମୂଳି ଓ ଝଡ଼ାଫୁଙ୍କା ଉପରେ ଭରସା କରୁଛନ୍ତି ଗ୍ରାମବାସୀ। ଗାଁରେ ଦିର୍ଘ ଦଶଦିନ ମଧ୍ୟରେ ଲୋକଙ୍କ ଦେହହାତ ଥରିବା ସହ ଝାଡାବାନ୍ତି , ପେଟବଥା ଓ ଛାତିବଥା ହେଉଛି । ଏହାର କିଛି ସମୟପରେ ନିମିଷକେ ଲୋକଙ୍କ ଜୀବନ ଚାଲିଯାଉଥିବା ଗାଁ ଲୋକେ ଅଭିଯୋଗ କରିଛନ୍ତି । ଘୋଟଣାକୁ ନେଇ ଗାଁରେ ଡାକ୍ତର ପହଞ୍ଚି କିଛି ଔଷଧ ଦେଇଥିଲେ ମଧ୍ୟ ତାହା ଲୋକଙ୍କ କାମରେ ଆସୁନି। ବର୍ତ୍ତମାନ ଲୋକେ ଭୟଭୀତ ହୋଇଥିବା ବେଳେ ଚେରମୂଳି ଓ ଝଡାଫୁଙ୍କାରେ ବିତୁଛି ଜୀବନ।

ବଲାଙ୍ଗୀରରେ ବଢୁଛି ବନ୍ଧ୍ୟାଦୋଷ: ପ୍ରଦୂଷଣ, କୀଟନାଶକ ପ୍ରମୁଖ କାରଣ

ବଲାଙ୍ଗୀର, ନ୍ୟୁଜ ବ୍ୟୁରୋ

ପଶ୍ଚିମ ଓଡ

30 YEARS
ସମ୍ବାଦ କଣିକା
ଭୁବନେଶ୍ୱର, ୨୦ ଅଗଷ୍ଟ ୨୦୨୪ ମଙ୍ଗଳବାର

ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କା ଲେଖାଏଁ ସହାୟତା:ଆହତଙ୍କ ଚିକିତ୍ସା ଖର୍ଚ୍ଚ ବହନ କରିବେ ସରକାର

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ରାଜ୍ୟର ୬ଟି ଜିଲ୍ଲାରେ ବଜ୍ରପାତ ଘଟି ୯ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଲୋକ ଆହତ ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘଟଣାରେ ଗଭୀର ଦୁଃଖପ୍ରକାଶ କରିବା ସହିତ ସେମାନଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ପ୍ରକାଶ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ପ୍ରାପ୍ତ ସୂଚନା ଅନୁଯାୟୀ ମୟୁରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ୨ ଜଣ ଲେଖାଏଁ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିବା ବେଳେ

ବଜ୍ରପାତରେ ମୃତ୍ୟୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଶୋକ

କେନ୍ଦୁଝର, ଢେଙ୍କାନାଳ ଓ ଗଞ୍ଜାମ ଜିଲ୍ଲାରେ ଜଣେ ଲେଖାଏଁ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି । ବଜ୍ରପାତ ଯୋଗୁଁ ମୃତ୍ୟୁବରଣ କରିଥିବା ପ୍ରତ୍ୟେକ ମୃତ ବ୍ୟକ୍ତିଙ୍କ ନିକଟତମ ଆତ୍ମୀୟଙ୍କୁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ମୁଖ୍ୟମନ୍ତ୍ରୀ ଆହତ ମାନଙ୍କ ଆଶୁଆରୋଗ୍ୟ କାମନା କରିବା ସହିତ ସେମାନଙ୍କ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି କହିଛନ୍ତି ।

ବାଂଲାଦେଶୀ ସନ୍ଦେହରେ ୩ ଯୁବକଙ୍କୁ ଆକ୍ରମଣ:ଜଣେ ଗୁରୁତର

ବାରିପଦା, ନ୍ୟୁଜ୍ ବ୍ୟୁରୋ

ବର୍ତ୍ତମାନ ଓଡ଼ିଶାରେ ବାଂଲାଦେଶୀ ସନ୍ଦେହରେ ଫେରିବାଲା, ବଙ୍ଗାଳି ମିସ୍ତ୍ରୀ, ଲେବର ମାନଙ୍କୁ ଆଧାର କାର୍ଡ ମାଗିବା, ସେମାନଙ୍କୁ ଗାଳି ଗୁଲଜ, ମାରପିଟ୍ କରି ଏରିଆ ଛାଡିବାକୁ ଧମକ ଦେବା ଭଳି ଘଟଣାମାନ ନିତିଦିନ ଘଟୁଥିବା ଏବଂ ସୋସିଆଲ୍ ମିଡ଼ିଆରେ ଭାଇରାଲ୍ କରିବା ଭଳି ଘଟଣା ଦେଖିବାକୁ ମିଳୁଥିବା ବେଳେ, ଏହା ଦିନକୁ ଦିନ ବ୍ୟାପି ଚାଲିଛି ଏବଂ ବିଭିନ୍ନ ସ୍ଥାନରେ ଲୋକେ ଆଇନ୍‌କୁ ହାତକୁ ନେଉଥିବାର ଦେଖାଯାଉଛି । ଏପରିକି ଏହାର ପ୍ରତିକ୍ରିୟା ସ୍ୱରୂପ କିଛି ଦିନ ତଳେ ପଶ୍ଚିମବଙ୍ଗର ମେଦିନୀପୁର, ଖଡ଼ଗପୁର ଭଳି କିଛି ଅଞ୍ଚଳରେ ଓଡ଼ିଆ ଯାତ୍ରୀଙ୍କୁ ଅଟକ ରଖିଥିବାର ଦେଖାଯାଇଥିଲା । ତେବେ ମୟୁରଭଞ୍ଜ ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡ ରାଜ୍ୟ ସୀମାକୁ ଲାଗି ରହିଥିବାରୁ ଏଠାରେ ମଧ୍ୟ ଏଭଳି ଘଟଣା ଦେଖିବାକୁ ମିଳିଛି । ମୟୂରଭଞ୍ଜ ଜିଲ୍ଲା ବାରିପଦା ଟାଉନ୍ ଥାନା ଅଞ୍ଚଳରେ ବାଂଲାଦେଶୀ ପରିଚୟକୁ ନେଇ ଶନିବାର ରାତିରେ ୨ ସମ୍ପ୍ରଦାୟ ମୁହାଁମୁହିଁ ହୋଇଛନ୍ତି । ଆଧାର କାର୍ଡକୁ ନେଇ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା । ଏହାପରେ ସଂଘବଦ୍ଧ ଭାବେ ଆକ୍ରମଣ କରିବାରୁ ଏଥିରେ ଜଣେ ଗୁରୁତର ହୋଇ ପିଆର୍‌ଏମ୍ ମେଡିକାଲ୍‌ରେ ଭର୍ତ୍ତି ହୋଇଛନ୍ତି । ଏ ନେଇ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଶତାଧିକ ବ୍ୟକ୍ତି ଟାଉନ୍ ଥାନାରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ପୋଲିସ ବୁଝାଶୁଝା କରିବା ପରେ ଏବଂ ଅଭିଯୁକ୍ତ ମାନଙ୍କୁ ଗିରଫ ପ୍ରତିଶ୍ରୁତି ଦେବାପରେ ସେମାନେ ଆନ୍ଦୋଳନରୁ ଓହରିଥିଲେ । ସୂଚନା ମୁତାବକ ତୁଳସୀଚଉରା ବାକ୍ସ କାରଖାନା ଅଞ୍ଚଳର ସେକ୍ ଇମ୍‌ଦାତୁଲା ରାତି ୯ଟାରେ ସାହିଲ୍ ଖାନ୍ ଓ ମହମ୍ମଦ ଅସରଦ ଅନ୍‌ସାରୀଙ୍କ ସହ ଷ୍ଟେସନ୍ ବଜାରରୁ ଦେବେନ୍ଦ୍ରପୁରକୁ ଫେରୁଥିଲେ । ବାଟରେ ଷ୍ଟେସନ୍ ବଜାର ହାଟ ଛକ ନିକଟରେ କେତେଜଣ ଯୁବକ ସେମାନଙ୍କୁ ଅଟକାଇ ଆଧାର କାର୍ଡ ଦେଖାଇବାକୁ କହିଥିଲେ । ସେମାନେ ଆଧାର କାର୍ଡ ଦେଖାଇବା ପରେ ମଧ୍ୟ ଉଭୟ ଗୋଷ୍ଠୀ ମଧ୍ୟରେ ତୁତୁ ମେମେ ହୋଇଥିଲା । ଏପରିକି ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିବା ସହ ଭୁଜାଲିରେ ଆକ୍ରମଣ ପାଇଁ ଉଦ୍ୟମ କରିଥିଲେ ବୋଲି ଅଭିଯୋଗ ହୋଇଛି । ଆକ୍ରମଣକାରୀ ବାଇକ୍ ଯୋଗେ ଗୋଡ଼ାଇବା ସହ ପଥରରେ ଆକ୍ରମଣ କରିବାରୁ ଜଣେ ଯୁବକ ଗୁରୁତର ହୋଇଛନ୍ତି । ଏହି ସମୟରେ ସେମାନେ ପାଟ୍ରୋଲିଂ କରୁଥିବା ପୋଲିସକୁ ଜଣାଇଥିଲେ । ତେବେ ପୋଲିସ କୌଣସି ପଦକ୍ଷେପ ଗ୍ରହଣ ନକରି ଥାନାରେ ଅଭିଯୋଗ କରିବାକୁ କହିଥିବାରୁ ଥାନା ସମ୍ମୁଖରେ ଉତ୍ତେଜନା ପ୍ରକାଶ ପାଇଥିଲା । ଅଭିଯୁକ୍ତଙ୍କୁ ଗିରଫ ସହ ପାଟ୍ରୋଲିଂ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ ଶତଧିକ ଯୁବକ ଟାଉନ୍ ଥାନା ସମ୍ମୁଖରେ ବିଳମ୍ବିତ ରାତିଯାଏ ବିକ୍ଷୋଭ କରିଥିଲେ । ତେବେ ଏହିଘଟଣାରେ ବାରିପଦା ଟାଉନ୍ ପୋଲିସ ପକ୍ଷରୁ କେଶ୍ ନଂ ୪୭୪ ମୂଳେ ଏକ ମାମଲା ରୁଜୁ କରାଯିବା ସହ ପୋଲିସ ୩ ଜଣ ଯୁବକଙ୍କୁ ଅଟକ ରଖି ପଚରା ଉଚରା କରୁଥିବାର ଜଣାଯାଇଛି ଏବଂ ମାମଲାରେ ପୋଲିସ ଅଧିକ ତଦନ୍ତ କରୁଥିବା ବାରିପଦା ଟାଉନ୍ ଥାନା ଅଧିକାରୀ ସୁମିତ ସୋରେନ୍ ପ୍ରତିକ୍ରିୟାରେ କହିଛନ୍ତି । ତେବେ ଏଭଳି ସମ୍ବେଦନ ଶୀଳ ମାମଲାରେ ପୋଲିସ, ଜିଲ୍ଲା ପ୍ରଶାସନ ତଥା ରାଜ୍ୟ ସରକାର ବେଳ ଥାଉ ଥାଉ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନନେଲେ ଏହା ଆଗକୁ ସାଂଘାତିକ ରୂପ ନେଇପାରେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।

ଗାନ୍ଧିଜୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉଦ୍‌ଘାଟିତ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଆୟବା ପଞ୍ଚାୟତରେ ଥିବା ଆୟବା ପ୍ରାଥମିକ କୃଷି ସମବାୟ ସମିତି ସହଯୋଗରେ କାର୍ଯ୍ୟାଳୟ ସାମ୍ନାରେ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ପୂର୍ଣ୍ଣାବୟବକୁ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲା ବେଳେ ବରିଷ୍ଠ ସହକାରୀ ନିବନ୍ଧକ ସନ୍ତୋଷ କୁମାର ଦାଶ ସମ୍ମାନୀତ ଅତିଥିଭାବେ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ତାପସ ପ୍ରସାଦ ସଂ ବିଶେଷ ଅତିଥିଭାବେ ଯୋଗ ଦେଇଥିଲେ । ପ୍ୟାକ୍ସର ସଭାପତି ଅଯୋଧ୍ୟାନାଥ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସଂପାଦକ ସନ୍ତୋଷ କୁମାର ବାରିକ, ଉପସଭାପତି ମମତାମୟୀ ସ୍ୱାଇଁ, ନିର୍ଦ୍ଦେଶକ ବିଜୟ କୁମାର ସ୍ୱାଇଁ, ଗଗନ ବିହାରୀ ସ୍ୱାଇଁ, ଭାସ୍କର ସ୍ୱାଇଁ, ସୁକାନ୍ତ କୁମାର ପ୍ରଧାନ, ଅମର କୁମର ମଲ୍ଲିକ, ଜୟନ୍ତି ଲେଙ୍କା ପ୍ରମୁଖଙ୍କ ସହ ସମସ୍ତ ନିର୍ଦ୍ଦେଶକ ଉପସ୍ଥିତ ଥିଲେ ।

।।।।।।।।। କାଶୀନଗର ସାହିତ୍ୟ ଉତ୍ସବ-୨୦୨୪ ।।।।।।।।।
ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାର ପ୍ରସାର ପାଇଁ ପଦକ୍ଷେପ

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାର ପ୍ରସାର ଦିଗରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ କାଶୀନଗର ସଭାଗୃହରେ 'କାଶୀନଗର ସାହିତ୍ୟ ଉତ୍ସବ -୨୦୨୪' ଗଞ୍ଜାମର କବିତାଘର ଲିଟେରାରୀ ଟ୍ରଷ୍ଟ, ବ୍ରହ୍ମପୁର ଏବଂ ବଂଶଧାରା ପାଠାଗାର, କାଶୀନଗର ସହ ଜ୍ଞାନଜ୍ୟୋତି ଚାରିଟେବଲ୍ ଟ୍ରଷ୍ଟ, କରଞ୍ଜିଆ ଆନୁକୂଲ୍ୟରେ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି । ପ୍ରଖ୍ୟାତ କବି ତଥା ପୂର୍ବତନ ମନ୍ତ୍ରୀ ଓ ସାଂସଦ ପ୍ରସନ୍ନ ପାଟଶାଣୀ ଉତ୍ସବକୁ ଉଦ୍ଘାଟନ କରିଥିବା ବେଳେ ସାହିତ୍ୟିକ ଓ ପ୍ରଶାସକ ତଥା ବାରଣାସୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଭାଗୀରଥି ବେହେରାଙ୍କ ପୌରହିତ୍ୟରେ ଆୟୋଜିତ ଏହି ଆଲୋଚନା, ସମ୍ବର୍ଦ୍ଧନା, ଉନ୍ମୋଚନ, କବିତା ପାଠ ଉତ୍ସବରେ ରଘୁରାମ ସାହୁ- ଉପ ଅଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ କାଶୀନଗର, ହୃଷୀକେଶ ଗୌଡ଼- ସଭାପତି, ବଂଶଧାରା ପାଠାଗାର, ରବୀନ୍ଦ୍ର କୁମାର ମଲ୍ଲିକ ଅବସର ପ୍ରାପ୍ତ ବ୍ୟାଙ୍କ୍ ପ୍ରବନ୍ଧକ, କବି ଉଦୟନାଥ ମାଝୀ- ସମ୍ପାଦକ ରକ୍ ପେବଲ୍, ଯାଜପୁର, ଡ. ଚନ୍ଦ୍ରଶେଖର ହୋତା, କେନ୍ଦ୍ରୀୟ ସାହିତ୍ୟ ସମ୍ମାନ ପ୍ରାପ୍ତ ପ୍ରାବନ୍ଧିକ ତଥା ଉପଆରକ୍ଷୀ ଅଧିକ୍ଷକ, ଗଜପତି, ଡ. ରାଜେନ୍ଦ୍ର କୁମାର ବେହେରା-

ସଭାପତି, ଗଞ୍ଜାମର କବିତାଘର ଲିଟେରାରୀ ଟ୍ରଷ୍ଟ, ବ୍ରହ୍ମପୁର, କବି ବିଦେଶୀ ନାୟକ-ସଭାପତି ବନାନୀ ସାହିତ୍ୟ ସଂସଦ, ଦାରିଙ୍ଗବାଡି, କବି ପତିତପାବନ ରାଉତ-ସଭାପତି, ବନାନୀ ସାହିତ୍ୟ ସଂସଦ, ଦାରିଙ୍ଗବାଡି, କବି ପ୍ରହଲ୍ଲାଦ ବେହେରା-ନିର୍ଦ୍ଦେଶକ, ଆଞ୍ଚଳିକ କଳା, ସାହିତ୍ୟ ସାଂସ୍କୃତିକ ଅନୁଷ୍ଠାନ ଲଙ୍ଗଲେଶ୍ୱର, ଗଞ୍ଜାମ, ଅରୁଣ କୁମାର ସାହୁ ଆଦି ଅତିଥିଗଣ ପ୍ରବନ୍ଧ, ନାଟକ, ଗୀତିକବିତା, ସାମ୍ବାଦିକତା, ଗଳ୍ପ, କବିତା, ଶିକ୍ଷା ଆଦି ସହ ସାହିତ୍ୟର ସମ୍ପର୍କ ସନ୍ଦର୍ଭରେ ଆଲୋକପାତ କରିଥିଲେ । ଗଞ୍ଜାମ, ଗଜପତି, ରାୟଗଡ଼ା, ଫୁଲବାଣୀ ଆଦି ଜିଲ୍ଲାରୁ ଶହେରୁ ଊର୍ଦ୍ଧ୍ୱ କବିଗଣ ନିଜ ନିଜର କବିତା ଆକାଂକ୍ଷା ସାହିତ୍ୟ ସଂସଦ, ପାରଲାଖେମୁଣ୍ଡି ତରଫରୁ ସମ୍ପାଦିକା ମୀନା କୁମାରୀ ଟହଲ, ବଂଶଧାରା ସାହିତ୍ୟ ସମାଜ, ଗୁଣପୁର ତରଫରୁ ସଭାପତି ପ୍ରଭାତ କୁମାର ଶତପଥୀ ଓ ସମ୍ପାଦକ କବି ରମେଶ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ, ଏବଂ କବୀ ଜୟନ୍ତୀ ବେହେରା, ବେବୀରାଣୀ ନନ୍ଦ, କବି ବିଷ୍ଣୁ ଦାସ, କବି ଜିତେନ୍ଦ୍ର ବେହେରାଙ୍କ ସଂଯୋଜନାରେ ପାଠ କରିଥିଲେ । ଏହି ଉତ୍ସବରେ ସାହିତ୍ୟ କ୍ଷେତ୍ରରେ ଯୋଗଦାନ ନିମନ୍ତେ ଭାଗୀରଥି ବେହେରାଙ୍କୁ ସାମ୍ବାଦିକ ଆନନ୍ଦ ପାତ୍ରଙ୍କ ପିତା ସ୍ୱର୍ଗତ ବଳରାମ ପାତ୍ର ସାହିତ୍ୟ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ଆକାଂକ୍ଷା ସାହିତ୍ୟ ସଂସଦ, ପାରଲାଖେମୁଣ୍ଡି ବଂଶଧାରା ସାହିତ୍ୟ ସମାଜ, ଗୁଣପୁର, ବଂଶଧାରା ପାଠାଗାର, କାଶୀନଗରକୁ ସାହିତ୍ୟ ସଂଗଠନ ସମ୍ମାନ ପ୍ରଦାନରେ ସମ୍ମାନୀତ କରାଗଲା । ଅତିଥି ଗଣଙ୍କ କରକମକରେ କବି ବିଷ୍ଣୁ ପ୍ରସାଦ ଦାସଙ୍କ କବିତା ସଙ୍କଳନ ପ୍ରସ୍ତୁତି ପର୍ବ ଓ ତ୍ରିପତି ପ୍ରଧାନଙ୍କ କବିତା ସଙ୍କଳନ ନବ ଗୁଞ୍ଜର ଉନ୍ମୋଚନ ହୋଇଥିବା ବେଳେ ଶିକ୍ଷୟିତ୍ରୀ ସାବିତ୍ରୀ ସାହୁ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ । ବାରଣାସୀ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ସଙ୍ଗୀତ ନୃତ୍ୟ ପରିବେଷଣ କରୁଥିବା ବେଳେ ଅଶୋକ ଗୌଡ଼, ଏ ମଧୁ, ଶିବ ନାରାୟଣ ଆଦତ, ଏନ୍ ମଧୁ, କିଶୋର କୁମାର ଆଦି ସହଯୋଗ କରିଥିଲେ ।

ମହିଳା ମୋର୍ଚ୍ଚା ପକ୍ଷରୁ ମମତାଙ୍କ କୁଶପୁତ୍ତଳିକା ଦାହ

ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ

ସାରା ଦେଶରେ ଚାଞ୍ଚଲ୍ୟ ଓ ଆକ୍ରୋଶ ସୃଷ୍ଟି କରିଥିବା କଲିକତାର ଡା. ମମିତା ଦେବନାଥଙ୍କ ବର୍ବରତା ପୂର୍ଣ୍ଣ ବଳତ୍କାର ଓ ହତ୍ୟା ବିରୋଧରେ ସାରା

ଦେଶରେ ବିକ୍ଷୋଭ ଓ ପ୍ରଦର୍ଶନ ଜାରି ରହିଛି । ଏହି ମର୍ମରେ ରବିବାର ସମ୍ବଲପୁର ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ଏକ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଗୋଲ ବଜାର ଛକରେ ମହିଳା ମୋର୍ଚ୍ଚାର କର୍ମୀମାନେ ଏକତ୍ରୀତ ହୋଇ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ସୁଶ୍ରୀ ମମତାଙ୍କ ବିରୁଦ୍ଧରେ ସ୍ଲୋଗାନ୍ ଦେଇଥିଲେ । ଉକ୍ତ ଘଟଣାରେ ସମ୍ପୃକ୍ତ ଦୋଷୀଙ୍କୁ ଚିହ୍ନଟ କରି ତାଙ୍କ ବିରୁଦ୍ଧରେରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପୀଡିତାଙ୍କ ପରିବାରକୁ ଉଚିତ୍ ନ୍ୟାୟ ପ୍ରଦାନ ପାଇଁ ଦାବି କରିଥିଲେ । ଏହାପରେ ମୁଖ୍ୟମନ୍ତ୍ରୀ ମମତାଙ୍କର କୁଶପୁତ୍ତଳିକା ଦାହ କରିଥିଲେ । ମହିଳା ମୋର୍ଚ୍ଚା ଜିଲ୍ଲା ସାଧାରଣ ସମ୍ପାଦିକା ପ୍ରଭାସିନୀ ଦାଶଙ୍କ ନେତୃତ୍ୱରେ ହୋଇଥିବା ବିକ୍ଷୋଭ କାର୍ଯ୍ୟକ୍ରମରେ ସବିତା ନନ୍ଦ, ରୁନୁ ପ୍ରଧାନ, ସୁଜାତା ଗୁରୁ, ପୁଷ୍ପାଞ୍ଜଳି ଜେନା, ରୁନି ଚୌଧୁରୀ, ସ୍ନିଗ୍ଧାଶ୍ରୀ ମିଶ୍ର, ବିଜୟଲକ୍ଷ୍ମୀ ଜେନା, ସୀତାକାନ୍ତି ମେସୁଆ, ମୁନମୁନ ସୌଦାଗର, ସୁମି ପରିଡା, ମଞ୍ଜୁଲା ଓରାମ, କମଳା ସାହୁ, ସମୀର ରଞ୍ଜନ ବାବୁ, ମାନସ ରଞ୍ଜନ ବକ୍ସି, ମୋହନ ଦାଶ, ଶ୍ୟାମ ଗୁରୁ, ଶିବ ଦିଓ୍ୱାନ, ଶୈଳେନ୍ଦ୍ର ପୁରୋହିତ, ଗୋପାଲ ଅଗ୍ରୱାଲ, ହରି ପଣ୍ଡା ପ୍ରମୁଖ ସାମିଲ ଥିଲେ ।

ବଜ୍ରପାତରେ ଚାଷୀଙ୍କ ମୃତ୍ୟୁ

ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ

ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଭବାନୀପୁରପଞ୍ଚାୟତର ଭବାନୀପୁର ଗ୍ରାମରେ ବଜ୍ରପାତରେ ଜଣେ ଚାଷୀଙ୍କର ମୃତ୍ୟୁ ଘଟିଛି । ସୂଚନା ଅନୁଯାୟୀ ଏହି ଗ୍ରାମର ଚାଷୀ ରମାକାନ୍ତ ସାହୁ (୪୫) ଗ୍ରାମ ନିକଟସ୍ଥ ବିଲରେ ଚାଷକାମ କରୁଥିବାବେଳେ ରବିବାର ଅପରାହ୍ନରେ ବଜ୍ରପାତ ଘଟିଥିଲା । ରମାକାନ୍ତଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ଧର୍ମଶାଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶପାଇଛି । ଦିନ ୧ ଟାଠାରୁ ୪ଟା ପର୍ଯ୍ୟନ୍ତ ଧର୍ମଶାଳା ଅଞ୍ଚଳରେ ପ୍ରବଳବର୍ଷା ଓ ବଜ୍ରପାତ ଲାଗିରହିଥିଲା ।

ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ

କଳିଙ୍ଗନଗର, ନ୍ୟୁଜ୍ ବ୍ୟୁରୋ

ଯାଜପୁର ଜିଲ୍ଲା ଦାନଗଦି ବ୍ଲକ ଅନ୍ତର୍ଗତ ଖପୁରିଆପଦା ପଞ୍ଚାୟତ ସ୍ଥିତ ବ୍ରାହ୍ମଣଗାଁ ଗ୍ରାମରେ ଅଘଟଣ ଘଟିଛି । ଇଲେଭେନ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଯୁବକଙ୍କ ଅକାଳ ମୃତ୍ୟୁ ଘଟିଛି । ସୂଚନା ମୁତାବକ ରବିବାର ସକାଳ ୯ ଘଟିକାରେ ଖପୁରିଆପଦା ପଞ୍ଚାୟତ ସ୍ଥିତ ବ୍ରାହ୍ମଣଗାଁ ଗ୍ରାମର ଜିତେନ୍ଦ୍ର ସାହୁ ନିଜ ଘର ପଛପାଖ ବାଡିରେ ପରିବା ତୋଳିବାକୁ ଯାଇଥିଲେ । ପରିବା ତୋଳିବା ସମୟରେ ଏକ ବାଉଁଶ ଆଙ୍କୁଡା ଦ୍ୱାରା ଉପରେ ଥିବା ପରିବାକୁ ତୋଳୁଥିଲେ । ତେବେ ହଠାତ୍ ଭୁଲ୍ ବଶତଃ ଜିତେନ୍ଦ୍ର ନିଜ ବାଡି ଦେଇ ଯାଇଥିବା ଇଲେଭେନ୍ କେଭି ବିଦ୍ୟୁତ ତାରରେ ଆଙ୍କୁଡା ବାଜି ଯାଇଥିଲା । ଫଳରେ ଜିତେନ୍ଦ୍ରଙ୍କୁ ଶକ୍ତ ବିଦ୍ୟୁତ ଆଘାତ ଲାଗିଥିଲା ଏବଂ ସେ ଘଟଣା ସ୍ଥଳରେ ଢଳିପଡିଥିଲେ । ତେବେ ପରିବାର ଲୋକେ ଜିତେନ୍ଦ୍ରଙ୍କୁ ବିଦ୍ୟୁତ ଆଘାତ ଲାଗିଥିବାର ଦେଖି ଚିକିତ୍ସା ପାଇଁ ତୁରନ୍ତ ନିକଟସ୍ଥ ଯାଜପୁର ରୋଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା କଲାପରେ ମୃତ ଘୋଷଣା କରିଛନ୍ତି । ସେପଟେ ମୃତ ଜିତେନ୍ଦ୍ରଙ୍କ ବୟସ ପ୍ରାୟ ୨୫ ବର୍ଷ ହୋଇଥିବାବେଳେ ସେ ଟାଟା କାରଖାନାରେ କାର୍ଯ୍ୟରତ ଥିଲେ ବୋଲି ସୂଚନା ମିଳିଛି । ତେବେ ଘଟଣାକୁ ନେଇ ବ୍ରାହ୍ମଣଗାଁରେ ଶୋକର ଛାୟା ଖେଳି ଯାଇଛି ।

ଡାକ୍ତରୀ ଛାତ୍ରୀଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାର ପ୍ରତିବାଦରେ ସୋନପୁରରେ କ୍ୟାଣ୍ଡେଲ୍ ରାଲି

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

କଲିକତା ସହରରେ ଡାକ୍ତରୀ ଛାତ୍ରୀଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାର ପ୍ରତିବାଦରେ ସୋନପୁର ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଓ ସମସ୍ତ କର୍ମଚାରୀଙ୍କୁ ନେଇ ଏକ ନିରବ କ୍ୟାଣ୍ଡେଲ ରାଲି ଅନୁଷ୍ଠିତ ହୋଇଯାଇଛି । ଶନିବାର ସନ୍ଧ୍ୟା ୬ଟା ସମୟରେ ସୋନପୁର ମୁଖ୍ୟ ଡାକ୍ତଖାନାର ଡାକ୍ତର ଓ ସମସ୍ତ କର୍ମଚାରୀ ସମୂହ କ୍ୟାଣ୍ଡେଲ ଜଳାଇ କଲିକତା ଠାରେ ଡାକ୍ତରୀ ଛାତ୍ରୀଙ୍କ ଉପରେ ହୋଇଥିବା ଦୁଷ୍କର୍ମ ଓ ହତ୍ୟା ଘଟଣାର ପ୍ରତିବାଦ କରି ନିରବ ରାଲି କରିଥିଲେ ଓ ଦୋଷୀ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଭାରତ ସରକାରଙ୍କୁ ଦାବି ଜଣାଇଥିଲେ । ଏହି ରାଲିରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦୁର୍ଗା ଦତ୍ତ ଦାସ ଓମସା ଜିଲ୍ଲା ସଭାପତି ଡା. ନରେନ୍ଦ୍ର ମେହେର, ସମ୍ପାଦକ ଡା. ନନ୍ଦିକିଶୋର ନାୟକ, ଏଡିପିଏଚ ଓ ଭିବିଡି ଡା. ଗୋପାଳ ଚନ୍ଦ୍ର ମଲ୍ଲିକ ସମସ୍ତ ସ୍ପେସିଆଲିଷ୍ଟ ଡାକ୍ତର ଓ ଡାକ୍ତରଖାନାର ସମସ୍ତ କର୍ମଚାରୀ ଅଂଶ ଗ୍ରହଣ କରିଥିଲେ । ଏହି ରାଲିଟି ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଠାରୁ ଆରମ୍ଭ ହୋଇ ବ୍ଲକ ଛକ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା ।

ନଷ୍ଟ ହେଉଛି ମଧ୍ୟାହ୍ନ ଭୋଜନ ଚାଉଳ:ଗୋଦାମ୍‌ରେ ପୋକ ସାଲୁବାଲୁ

**ବ୍ରହ୍ମପୁର,

ପକ୍ଷାନ୍ତରୀୟ

30 YEARS
ସମ୍ବାଦ କାଳିକା

ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ହ୍ରାସ

ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଏବେ ଖସିଛି । ୮୦ ଡଲାର ତଳେ ବ୍ରେଣ୍ଟ କ୍ରୁଡ୍ । ଏଭଳି ସ୍ଥିତିରେ ନରେନ୍ଦ୍ର ମୋଦି ସରକାର ସାଧାରଣ ଖାଉଟିଙ୍କୁ ଆଶ୍ୱସ୍ତି ଦେଇପାରନ୍ତି । ଚଳିତ ବର୍ଷ ପ୍ରଥମାର୍ଦ୍ଧରେ ସାଧାରଣ ନିର୍ବାଚନ ଥିବାବେଳେ ପେଟ୍ରୋଲ ଏବଂ ଡିଜେଲ ଦର ଖସାଇପାରନ୍ତି ବୋଲି ଏକ ରିପୋର୍ଟରେ ପ୍ରକାଶ ପାଇଛି । କ୍ରମାଗତ ତୃତୀୟ ପାଳି ପାଇଁ କ୍ଷମତାକୁ ଆସିବା ପାଇଁ ଭାରତୀୟ ଜନତା ପାର୍ଟି ରଣନୀତି ପ୍ରସ୍ତୁତ କରିଛି । ଦେଶରେ ଜୀବନଧାରଣ ଖର୍ଚ୍ଚ କମାଇବା ଦିଗରେ ନରେନ୍ଦ୍ର ମୋଦି ସରକାର ଆସନ୍ତା ନିର୍ବାଚନ ପୂର୍ବରୁ ପେଟ୍ରୋଲ ଏବଂ ଡିଜେଲ ଦର କମାଇ ଲୋକଙ୍କୁ ଆଶ୍ୱସ୍ତ କରିପାରନ୍ତି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି । ସମ୍ପ୍ରତି ଭାରତରେ ମୁଦ୍ରାସ୍ଫୀତି ଚିନ୍ତାଜନକ ସ୍ତରରେ ରହିଛି । ଡିସେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ୪ ମାସର ସର୍ବୋଚ୍ଚ ସ୍ତର ୫.୬୯% ଥିଲା । ଆର୍ବିଆଇ ମୁଦ୍ରାସ୍ଫୀତିକୁ ୪% ମଧ୍ୟରେ ରଖିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିବାବେଳେ ଏହା ତାହାର ଯଥେଷ୍ଟ ଉପରେ ରହିଛି । ତେଣୁ ଇନ୍ଧନ ଦରରେ ହ୍ରାସ କରାଗଲେ ଲୋକେ କିଛି ମାତ୍ରାରେ ଉପକୃତ ହେବେ ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଆସନ୍ତା କିଛି ମାସ ମଧ୍ୟରେ ସାଧାରଣ ନିର୍ବାଚନ ହେବ । ଏଭଳି ସ୍ଥିତିରେ ଦରବୃଦ୍ଧିଜନିତ ସମସ୍ୟା ଯେପରି ଏଥିରେ କୌଣସି କେଁ ନ ପଶାଏ ତାହା ଉପରେ ସରକାରଙ୍କ ନଜର ରହିବ। ସୂଚନାଯୋଗ୍ୟ, ଘରୋଇ ବଜାରରେ ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ମୋଦି ସରକାର ବିଭିନ୍ନ ପ୍ରକାର ରପ୍ତାନି କଟକଣା ଲାଗୁ କରିଛନ୍ତି ଏବଂ କେତେକ ସାମଗ୍ରୀର ମହଜୁଦ ସୀମା କାର୍ଯ୍ୟକାରୀ କରିଛନ୍ତି । ବଜାରରେ ରାଷ୍ଟ୍ରାୟତ୍ତ ତୈଳ ମାର୍କେଟିଂ କମ୍ପାନିଗୁଡ଼ିକର ୯୦% ନିୟନ୍ତ୍ରଣ ରହିଛି । ଦର ହ୍ରାସ କରିବା ପାଇଁ ଏହା ସେମାନଙ୍କ ପାଇଁ ଉପଯୁକ୍ତ ସମୟ ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି । ରେଟିଂ ଏଜେନ୍ସି ଇକ୍ରା ପ୍ରକାଶ କରିଛି ଯେ, ଅଶୋଧିତ ତୈଳ ଦରରେ ହ୍ରାସ ଯୋଗୁ ଲିଟର ପିଛା ପେଟ୍ରୋଲ ଏବଂ ଡିଜେଲ ଉପରେ ଯଥାକ୍ରମେ ୧୧ ଟଙ୍କା ଏବଂ ୬ ଟଙ୍କା ଲାଭ କରୁଛନ୍ତି ତୈଳ ବିପଣନ କମ୍ପାନି । ୨୦୨୨ରେ ଯେତେବେଳେ ତୈଳ ଦର ଉଚ୍ଚ ରହିଥିଲା ଉକ୍ତ ସମୟରେ କମ୍ପାନିଗୁଡ଼ିକ ସହିଥିବା କ୍ଷତିର ଭରଣା ହୋଇ ଏବେ ବିପୁଳ ଲାଭ କଲେଣି। ତେଣୁ ବର୍ତ୍ତମାନ ସେମାନଙ୍କ ପାଇଁ ଏହା ଦର ହ୍ରାସ କରିବାର ସମୟ ।

ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ଭୁବନେଶ୍ୱରରେ ଶୈବ ଉପାସନା-ଏକ ସମୀକ୍ଷା (୨)

ପ୍ରସିଦ୍ଧ ବ୍ରହ୍ମେଶ୍ୱର ମନ୍ଦିରରୁ ଓଡ଼ିଶୀ ମନ୍ଦିର ସ୍ଥାପତ୍ୟ କଳାର ପୂର୍ଣ୍ଣତା ମିଳିଥାଏ। ଏହି ମନ୍ଦିରରେ ଲୁହାର ବ୍ୟବହାର କରାଯାଇଛି। ମନ୍ଦିରଟି ଶିଳ୍ପ ଶାସ୍ତ୍ର ଅନୁଯାୟୀ ପଞ୍ଚରେଖ ଶୈଳୀରେ ନିର୍ମିତ। ପାର୍ଶ୍ୱଦେବତାମାନଙ୍କର ଗଠନ ପ୍ରଣାଳୀରେ ଅନେକ ନୂଆ କଥା ଦେଖିହୁଏ। ଖ୍ରୀ.ଅ. ୧୮୯୮-୧୯୦୩ ମଧ୍ୟରେ ବ୍ରହ୍ମେଶ୍ୱର ମନ୍ଦିରର ପୁନରୁଦ୍ଧାର କରାଯାଇଥିଲା। ପଞ୍ଚାୟତନ ମନ୍ଦିର ମଧ୍ୟରୁ ଏହା ଅନ୍ୟତମ। ଭୁବନେଶ୍ୱର ସଂଲଗ୍ନ କପିଳେଶ୍ୱର ମନ୍ଦିର ଗାତ୍ରରେ କୌଣସି ପ୍ରାଚୀନ ସ୍ଥାପତ୍ୟ ଦେଖିବାକୁ ମିଳେ ନାହିଁ। ତେବେ ଶିବଶକ୍ତି ଉପରେ ଛିଦ୍ର ଥିବା ଏକ ଘୋଡ଼ଣିକୁ ଲିଙ୍ଗ ଭାବେ ଏଠାରେ ପୂଜା କରାଯାଏ। ଏଠାରେ ପୂଜିତ ବିଗ୍ରହମାନଙ୍କ ମଧ୍ୟରୁ କେତେକରେ ବୌଦ୍ଧ ସ୍ଥାପତ୍ୟ ଦେଖିବାକୁ ମିଳେ। ବୌଦ୍ଧମାନଙ୍କର ଧର୍ମଚକ୍ର ଏଠାରେ ପୂଜା ପାଉଛି। ତେବେ ଏହାର ପରିବେଶ, ମିଳିଥିବା ମୂର୍ତ୍ତି ସମୂହ ଓ ସ୍ଥାପତ୍ୟରୁ ଏହା ଆଦୌ ଏକ ଶୈବପୀଠ ନଥିଲା ବୋଲି ନିଶ୍ଚିତ ଭାବେ କୁହାଯାଇପାରେ। ଏଠାରୁ ମିଳିଥିବା ଏକ ଶିଳା ଖମ୍ବରୁ ସେଥିରେ ଲେଖାଯାଇଥିବା ବ୍ରାହ୍ମୀଲିପି ଧଉଳିଠାରେ ଥିବା ଅଶୋକଙ୍କ ଲିପି ସହ ମେଳଖାଇଯାଉଛି। ବର୍ତ୍ତମାନର ଖନନରୁ ମିଳିଥିବା ମାଟିର ପାତ୍ର, ଖପରା ପ୍ରଭୃତିରୁ ଏହି ଜନପଦର ଅବସ୍ଥିତି ଖ୍ରୀଷ୍ଟପୂର୍ବର ବୋଲି କୁହାଯାଇପାରେ। ବର୍ତ୍ତମାନର ମନ୍ଦିର ପୂର୍ବରୁ ସେଠାରେ ଏକ ମନ୍ଦିର ଥିବାର ମାଟିତଳୁ ମିଳିଥିବା ପୀଢ଼ରୁ ଜଣାପଡ଼େ।

ଭୁବନେଶ୍ୱରର ବିଖ୍ୟାତ ଲିଙ୍ଗରାଜ ମନ୍ଦିର ସୋମବଂଶୀ ରାଜତ୍ୱ କାଳରେ ଗଢ଼ାଯାଇଥିବା ଐତିହାସିକମାନଙ୍କର ମତ। ମନ୍ଦିରର ଉଚ୍ଚତା ୧୮୦ ଫୁଟ, ପୀଢ଼ ପରିସୀମା ୧୨୮ ଫୁଟ ଓ ଓସାର ୬୫ ଫୁଟ। ଖ୍ରୀ.ଅ. ୧୯୦୦ରେ ଏହା ଉପରେ ବଜ୍ରପାତ ହୋଇଥିଲା। ଏହାର ସୁରକ୍ଷା ବ୍ୟବସ୍ଥା ୧୮୯୮-୧୯୦୩ ମଧ୍ୟରେ ନିଆଗଲା ଓ ପୁନଃ ମରାମତି ମଧ୍ୟ କରାଯାଇଥିଲା। ବଜ୍ରପାତ ଫଳରେ ଏହାର ଅମଳକ ଓ ଖପୁରି ଭାଙ୍ଗି ଯାଇଥିଲା। ମନ୍ଦିରର ତିନି ପାଖରେ ଥିବା ଦେବତାମାନଙ୍କର ପାହାଚମାନ ନଷ୍ଟ ହୋଇଯାଇଥିବାରୁ ତାହାର ମରାମତି ମଧ୍ୟ ଏହି ସମୟରେ କରାଯାଇଥିଲା। ବ୍ରହ୍ମେଶ୍ୱର ମନ୍ଦିରର ଭାସ୍କର୍ଯ୍ୟ ସହ ଏହାର ମେଳଖାଇଯାଉଛି। ଗଣେଶ, କାର୍ତ୍ତିକେୟ ଓ ପାର୍ବତୀ ମନ୍ଦିରମାନ ଯଥାକ୍ରମେ ଦକ୍ଷିଣ, ପଶ୍ଚିମ ଓ ଉତ୍ତର ଭାଗରେ ଅବସ୍ଥିତ। ମନ୍ଦିରର ପୂର୍ବ ପାଖରେ ଥିବା କାର୍ତ୍ତିକେୟ ଓ ଜଗମୋହନର ଦକ୍ଷିଣ ପଟେ ଥିବା ମହିଷମର୍ଦ୍ଦିନୀ ମୂର୍ତ୍ତି ବିଶେଷ ଭାବେ ଦର୍ଶକମାନଙ୍କର ଆକର୍ଷଣ। କାର୍ତ୍ତିକେୟ ପ୍ରାଚୀନ ଶୈଳୀରେ ମୟୂର ବାହନରେ ବସିଥିବା ବେଳେ ବାମ ହାତରେ ଶକ୍ତି ଧାରଣ କରିଛନ୍ତି। ମହିଷମର୍ଦ୍ଦିନୀ ମୂର୍ତ୍ତିରେ ମହିଷର ମସ୍ତକ ଛେଦନ ପରେ ସେଥିରୁ ମାନବ ଶରୀର ଅସୁର ବାହାରି ଆସୁଥିବାର ଦୃଶ୍ୟରୁ ମୂର୍ତ୍ତି ଖୋଦନର କଳା ବେଶ୍ ବାରି ହୋଇଯାଏ। ଲକୁଳୀଶଙ୍କ ବିଗ୍ରହ ବିମାନର ସମ୍ମୁଖ ଭାଗରେ ଅବସ୍ଥିତ। ଜଗମୋହନର ଉତ୍ତର ଦ୍ୱାରରେ ଶିବ ପାର୍ବତୀଙ୍କର ବିବାହ ଓ ଦଧି ମନ୍ଥନ କରୁଥିବା ମାତା ଯଶୋଦା ଓ ବାଳକ କୃଷ୍ଣଙ୍କର ସେଥିରୁ ତାଙ୍କୁ ବାଧା ଉପୁଯାଉଥିବାର ସୁନ୍ଦର ଚିତ୍ର ବେଶ୍ ଆକର୍ଷକ ହୋଇଛି। ଲିଙ୍ଗରାଜ ମନ୍ଦିରର ଉତ୍ତରପାର୍ଶ୍ୱ କାନ୍ଥରେ ଲକ୍ଷ୍ମୀ ନାରାୟଣଙ୍କର କଳା ମୁଗୁନି ପ୍ରସ୍ତର ନିର୍ମିତ ବିଗ୍ରହ (୪' ଢ ୩') ରହିଛି। ଏହି ବିଗ୍ରହଙ୍କର ପୂଜା ନିମନ୍ତେ ଏକ ସ୍ୱତନ୍ତ୍ର ମନ୍ଦିର ଲିଙ୍ଗରାଜ ମନ୍ଦିର ପଶ୍ଚିମ ଭାଗରେ ଥିଲା। ତାହା ଭାଙ୍ଗିଯିବାରୁ ମୂର୍ତ୍ତିଟିକୁ ଏଠାରେ ଆଣି ରଖାଯାଇଛି। ମନ୍ଦିର ରହିଥିବା ସ୍ଥାନରେ ଏବେ ପୌରପାଳିକା ପରିଚାଳିତ ଡାକ୍ତରଖାନା। ଏହି ବିଗ୍ରହ ଶ୍ରୀଗୀତଗୋବିନ୍ଦର ରଚୟିତା ଶ୍ରୀଜୟଦେବଙ୍କ ବର୍ଣ୍ଣିତ "ପଦ୍ମାପୟୋଧରତଟୀପରିରମ୍ଭଲଗ୍ନ-କାଶ୍ମୀରମୁଦ୍ରିତମୁରୋ ମଧୁସୂଦନସ୍ୟ। ବ୍ୟକ୍ତାନୁରାଗମିବ ଖେଳଦନଙ୍ଗଖେଦସ୍ୱେଦାମ୍ବୁଭିରନୁପୂରୟତୁ ପ୍ରିୟଂ ବଃ।" (ପ୍ରଥମ ସର୍ଗ- ୬ଷ୍ଠ ଶ୍ଳୋକ) ବର୍ଣ୍ଣନାର ଅବିକଳ ନକଲ କହିଲେ ଆଦୌ ଅତ୍ୟୁକ୍ତି ହେବ ନାହିଁ। ଲିଙ୍ଗରାଜଙ୍କର ଲିଙ୍ଗ ନାହିଁ ଓ ଶକ୍ତିରେ ତିନିଗୋଟି ଫାଟ ସୃଷ୍ଟି ହୋଇଥିବାର ଦେଖାଯାଏ। ଭୁବନେଶ୍ୱର ସଂପର୍କରେ ଲିଖିତ ଏକାମ୍ର ଚନ୍ଦ୍ରିକା, ସ୍ୱର୍ଣ୍ଣାଦ୍ରିମହୋଦୟ ପ୍ରଭୃତି ଗ୍ରନ୍ଥରେ ଲିଙ୍ଗରାଜଙ୍କର ଯେଉଁ ଜାଜ୍ୱଲ୍ୟମାନ ଲିଙ୍ଗ ସଂପର୍କରେ ବର୍ଣ୍ଣନା କରାଯାଇଛି ତାହା ଏବେ ସେଠାରେ ନାହିଁ। ସମ୍ଭବତଃ ଲିଙ୍ଗଟି ଅନ୍ୟତ୍ର ସ୍ଥାନାନ୍ତରିତ ହୋଇଯାଇଛି। ତେବେ କାହାଦ୍ୱାରା ଏହା ହୋଇଛି ତାହାର କୌଣସି ଇତିହାସରେ ଲେଖା ନାହିଁ। ଉପର୍ଯ୍ୟୁକ୍ତ ପୁସ୍ତକଗୁଡ଼ିକ ପଞ୍ଚଦେଶ ବା ଷୋଡ଼ଶ ଶତାବ୍ଦୀରେ ଲେଖାଯାଇଥିବାର କୁହାଯାଏ। ମାତ୍ର ଉକ୍ତ ପୁସ୍ତକରେ ଗ୍ରନ୍ଥକାରଙ୍କର ନାମ ଦେଖାଯାଏ ନାହିଁ। ତେବେ ମନ୍ଦିର ଗାତ୍ରରେ କେତେକ ବୌଦ୍ଧ ସ୍ଥାପତ୍ୟ ରହିଛି। ଏହି ମୂଳ ପୀଠଟି ଏକ ବୌଦ୍ଧକ୍ଷେତ୍ର ଥିଲା ଓ ଶାସନର ପରିବର୍ତ୍ତନ କ୍ରମେ ତାହା ଶୈବପୀଠକୁ ପରିବର୍ତ୍ତିତ ହୋଇଥିବାର ଐତିହାସିକ ବିତର୍କ ବି ରହିଛି। ଆଲୋଚନା ମଧ୍ୟକୁ ଆସେ ଭାସ୍କରେଶ୍ୱର ମନ୍ଦିର। ପଞ୍ଚରଥ ଶୈଳୀ ପରିବର୍ତ୍ତେ ଏହା ସପ୍ତରଥ ଶୈଳୀରେ ନିର୍ମିତ। ଭୁବନେଶ୍ୱରର ଅଶୋକାଷ୍ଟମୀ ଯାତ୍ରା ନିମନ୍ତେ ଉଦ୍ଦିଷ୍ଟ ରଥ ଗଢ଼ଣର ଏହା ଅବିକଳ ଅନୁକରଣ। ଭାଙ୍ଗିଯାଇଥିବା ଏକ ବୌଦ୍ଧ ସ୍ତମ୍ଭକୁ ଶିବଲିଙ୍ଗ ଭାବେ ଏଠାରେ ପୂଜା କରାଯାଏ। ଏହାର ପାଖରେ ରହିଛି ପାଣ୍ଡବ ଗୁମ୍ଫା। ବୌଦ୍ଧଭିକ୍ଷୁମାନେ ପ୍ରଥମେ ଏଠାରେ ରହୁଥିଲେ। ଶୈବକ୍ଷେତ୍ରଭାବେ ଏହା ପରିଗଣିତ ହେବା ପରେ କିଛି ଭିକ୍ଷୁ ଏଠାରେ ରହିଥିବାର ସମ୍ଭାବନା। ମନ୍ଦିର ଓ ଶିବଲିଙ୍ଗ ସଂପର୍କରେ ବହୁ ଆଲୋଚନା ଅନ୍ୟତ୍ର ହୋଇଯାଇଛି। ପ୍ରସିଦ୍ଧ ମେଘେଶ୍ୱର ମନ୍ଦିରଟି ଗଙ୍ଗ ରାଜତ୍ୱ କାଳରେ ନିର୍ମିତ ହୋଇଥିବାର କୁହାଯାଇପାରେ। ଗଙ୍ଗ ସମ୍ରାଟ ରାଜରାଜ ଦେବ (୨ୟ) ଓ ଅନଙ୍ଗଭୀମଦେବ (୨ୟ)ଙ୍କର ସେନାଧକ୍ଷ ସ୍ୱପ୍ନେଶ୍ୱର ଦେବଙ୍କଦ୍ୱାରା ଏହା ନିର୍ମିତ ହୋଇଥିବାର ସେଠାରୁ ମିଳିଥିବା ଶିଳାଲିପିରୁ ଜଣାଯାଏ। ସ୍ୱପ୍ନେଶ୍ୱର ଦେବଙ୍କ ଭଉଣୀ ସୁରମା ସମ୍ରାଟ ଚୋଡ଼ଗଙ୍ଗ ଦେବଙ୍କ ପୁତ୍ର ରାଜରାଜ ଦେବ (୨ୟ)ଙ୍କୁ ବିବାହ କରିଥିଲେ। ଏହି ମନ୍ଦିରର ଭାସ୍କର୍ଯ୍ୟ କଳା ଅତ୍ୟନ୍ତ ସୁନ୍ଦର। ବ୍ରହ୍ମାଙ୍କର ଶ୍ରୀକୃଷ୍ଣଙ୍କ ଗୋଧନ ହରଣ ଦୃଶ୍ୟ ଏଥିରେ ସୁନ୍ଦର ଭାବେ ଖୋଦିତ ହୋଇଛି। ଚତୁର୍ଭୁଜା ଦୁର୍ଗାଙ୍କର ମୂର୍ତ୍ତି ଦର୍ଶକଙ୍କୁ ଆକର୍ଷଣ କରିଥାଏ। ମୂର୍ତ୍ତିର ଦକ୍ଷିଣ ଊର୍ଦ୍ଧ୍ୱ ହସ୍ତରେ ଚକ୍ର, ନିମ୍ନ ହସ୍ତରେ ଗଦା, ବାମ ଊର୍ଦ୍ଧ୍ୱରେ ଶଙ୍ଖ ଓ ନିମ୍ନ ହସ୍ତରେ ଧନୁ ଧାରଣ କରିଥିବାବେଳେ ନିମ୍ନରେ ସିଂହବାହନ ଥିବାରୁ ଏହାକୁ ଦୁର୍ଗାଙ୍କର ମୂର୍ତ୍ତି ଭାବେ ଗ୍ରହଣ କରାଯାଇଥାଏ। ଷଡଭୁଜ ନଟରାଜଙ୍କ ମୂର୍ତ୍ତି ମଧ୍ୟ ଏଠାରେ ଖୋଦିତ ହୋଇଛି। ମାଉସୀମା ଛକରେ ଥିବା ଶତୃଘ୍ନେଶ୍ୱର, ଭରତେଶ୍ୱର, ଲକ୍ଷ୍ମଣେଶ୍ୱର ମନ୍ଦିର ବୌଦ୍ଧ ସ୍ଥାପତ୍ୟର ନିଦର୍ଶନ।

ଭୁବନେଶ୍ୱରରେ ବହୁ ଶୈବପୀଠ ରହିଛି। ସୋମବଂଶୀ ଶାସନ କାଳରେ ବୌଦ୍ଧପୀଠଗୁଡ଼ିକୁ ଶୈବ ଉପାସନା କେନ୍ଦ୍ରକୁ ରୂପାନ୍ତରିତ ହୋଇଥିଲେ ମଧ୍ୟ ପ୍ରାୟଶଃ ବହୁ ସ୍ଥାନମାନଙ୍କର ନାମ ବୌଦ୍ଧ ଦେବଦେବୀମାନଙ୍କ ନାମରେ ନାମିତ ହୋଇ ରହିଛି। ସମଗ୍ର ଭୁବନେଶ୍ୱର ଓ ଏହାର ନିକଟବର୍ତ୍ତୀ ଅଞ୍ଚଳର ମନ୍ଦିରମାନଙ୍କର ଇତିହାସ ସଂପର୍କରେ ସବିଶେଷ ଆଲୋଚନା କରିବାର ଆବଶ୍ୟକତା ରହିଛି। ବର୍ତ୍ତମାନର ଅବସ୍ଥିତିକୁ ଦେଖି ଭୁବନେଶ୍ୱରକୁ ଏକ ଶୈବପୀଠ ଭାବେ ଗ୍ରହଣ କରାଯାଇ ପାରେ। ମାତ୍ର ଏହା ଦିନେ ଏକ ପ୍ରସିଦ୍ଧ ବୌଦ୍ଧକ୍ଷେତ୍ର ରୂପେ ବିଦିତ ଥିବାର କହିଲେ ଅତ୍ୟୁକ୍ତି ହେବ ନାହିଁ।

ପଙ୍କଜ କୁମାର ପାଣିଗ୍ରାହୀ
ୟୁଟ୍ୟୁବ୍-ସାମାଜିକ ଜନମଂଚ (ଭାରତ)
ଛତ୍ରପୁର, ଗଞ୍ଜାମ-୭୬୧୦୨୦
ଦୂରଭାଷ.: ୯୪୩୭୩୨୪୯୧୭

ବାସ୍ତବ ସତ୍ୟର ଅନୁସନ୍ଧାନ

ବାସ୍ତବ ସତ୍ୟର ଅନୁସନ୍ଧାନରେ ଆଜି ଆଲୋଚନା କରିବା ଯେ ମଣିଷ ମନରୁ ଭୟ ଦୂର ହେବ କେମିତି ? ମଣିଷ କେମିତି ନିଜର ଅନ୍ତର୍ଜ୍ଞାନ ସୃଷ୍ଟି କରିବାରେ ସମର୍ଥ ହୋଇ ନିଜକୁ ଜଣେ ପ୍ରାକୃତିକ କୃତି ମଣିଷ ଭଳି ଗଢି ପାରିବ ଓ ଜୀବନର ପ୍ରାକୃତିକ ସ୍ୱାଦକୁ ଅନୁଭବ କରିପାରିବ । କେବଳ ମଣିଷ ନୁହେଁ ବରଂ ସବୁ ପ୍ରାଣୀଙ୍କ ମନରେ ଭୟ ରହିଥାଏ ଯାହା ଏକ ପ୍ରାକୃତିକ ଗୁଣ। ହେଲେ ଅନ୍ୟାନ୍ୟ ପଶୁ ମାନଙ୍କ ଭୟ ଏବଂ ମଣିଷ ମନର ଭୟ କେବଳ ମୃତ୍ୟୁ ସହିତ ସମାନ୍ତରାଳ ହୋଇଥିବା ବେଳେ ମଣିଷର କି'ନ୍ତୁ ଅନ୍ୟାନ୍ୟ ଭୟାବହତାର ସୀମା ନାହିଁ। କାରଣ କ'ଣ ?

ପ୍ରାୟତଃ ସବୁ ପ୍ରାଣୀ ଜଗତରେ କେବଳ ଆକ୍ରମଣ ଜନିତ ମୃତ୍ୟୁ ଭୟ ହିଁ ରହିଥାଏ ଯାହା ମଣିଷଙ୍କ କ୍ଷେତ୍ରରେ ମଧ୍ୟ ଅନୁରୂପ ଢଙ୍ଗରେ ଦେଖିବାକୁ ମିଳେ । ଏତଦ୍ ବ୍ୟତୀତ ମଣିଷର ଅସଂଖ୍ୟ ଭୟ ସୃଷ୍ଟି ହୋଇଥାଏ ମନରେ, ବିଭିନ୍ନ ସମସ୍ୟାକୁ ନେଇ । ଧନ ହାନି, ଶରୀର ବ୍ୟାଧି, ସାମାଜିକ ମର୍ଯ୍ୟାଦା କ୍ଷୁର୍ଣ୍ଣ, ଭବିଷ୍ୟତ ତଥା ପାରିବାରିକ ସୁରକ୍ଷା ଠାରୁ ଆରମ୍ଭ କରି ଆହୁରି ଅନେକ ଭୟ ରହିଥାଏ ମଣିଷ ମନରେ ଯାହା ସବୁ ଆମେ ନିଜ ଅଙ୍ଗେ ନିଭାଇ ଥାଉ । ଏସବୁ ଜୀବନ ଥାଉ ଥାଉ ପୃଥିବୀ ପୃଷ୍ଠର ଘଟଣା ଗୁଡିକ ବ୍ୟତୀତ ମୃତ୍ୟୁ ପରବର୍ତ୍ତୀ ଯମ ଯନ୍ତ୍ରଣା ଜନିତ ଭୟ ମଧ୍ୟ ଏକ ସାଙ୍ଘାତିକ ଭୟାବହତା ସୃଷ୍ଟି କରିଥାଏ ମଣିଷ ମନରେ ଯାହା କେହି ଆଜି ପର୍ଯ୍ୟନ୍ତ ଦେଖି ନାହାନ୍ତି ବରଂ ଏକ କୁହେଳିକାର ଛାୟା ଭଳି ସବୁବେଳେ ଘୁରି ବୁଲୁଥାଏ ଆମ ମନରେ !

କେବଳ ମୃତ୍ୟୁ, ଯାହା ସମଗ୍ର ପ୍ରାଣୀ ଜଗତ ପାଇଁ ଏକ ଅନିବାର୍ଯ୍ୟ ସତ୍ୟ ବ୍ୟତୀତ ଆଉ ସବୁ ଗୁଡିକ ଭୟ ପ୍ରାକୃତିକ ନିୟମ ବହିର୍ଭୁତ ଯାହା ମଣିଷ ନିଜେ ହିଁ ସୃଷ୍ଟି କରିଛି । ଜଣେ ନିର୍ବୋଧ ସେହି ମନୁଷ୍ୟକୃତ ଭୟ ଗୁଡିକରେ ଛନ୍ଦି ହୋଇ ଜୀବନର ପ୍ରତ୍ୟେକ ସମୟରେ ଭୟଭୀତ ହୋଇ ଜୀବନ ଅତିବାହିତ କରୁଥାଏ । ତଦ୍ୱାରା କେତେକ ଚତୁର ମଣିଷ ଯଥେଷ୍ଟ ଲାଭବାନ ହେଉଛନ୍ତି । ତେଣୁ ସାଧାରଣରେ ଅମାନୁଷିକ ଅଜ୍ଞାନ ଚତୁର ମଣିଷ ସମୂହ ସମାଜରେ ବିଭିନ୍ନ ପ୍ରକାର ଭୟ ଭିନ୍ନ ଭିନ୍ନ ରୂପରେ ସୃଷ୍ଟି କରିଥା'ନ୍ତି ନିଜର ପଟିଆରା ବିସ୍ତାର କରିବା ପାଇଁ । ସେଗୁଡିକୁ ସମୀକ୍ଷା କରିବା ଜ୍ଞାନ ବହିର୍ଭୁତ ସାଧାରଣ ନିର୍ବୋଧ ଜୀବନର ସବୁ ମୁହୂର୍ତ୍ତରେ ଭୟାତୁର ହୋଇ କେତେବେଳେ କାହାର ପ୍ରରୋଚନାରେ ପଡି ନିଜକୁ ନିଜେ ନିଷ୍ପେସିତ, ପ୍ରତାରିତ କରିବାରେ ଆଦୌ କୁଣ୍ଠା ବୋଧ କରୁନଥିବା ଭଳି ଏକ ଦୁରାରୋଗ୍ୟ ବିଷୟ ଆଜିର ପ୍ରଧାନ ସମସ୍ୟା ଦଣ୍ଡାୟମାନ ଆମ ସମାଜରେ । ଏ ସବୁରୁ ନିସ୍ତାର ନାହିଁ ପ୍ରାକୃତିକ ସତ୍ୟକୁ ନବୁଝିବା ପର୍ଯ୍ୟନ୍ତ । ହେଲେ ଜଣେ ସାଧାରଣ ମଣିଷ ପ୍ରାକୃତିକ ସତ୍ୟକୁ ବୁଝିବା ପରେ ତାର ଭୟ ଦୂର ହେବ କେମିତି ?

ଅତ୍ୟନ୍ତ ଦୁଃଖର ବିଷୟ ଏହାକି ଯେ ପ୍ରାକୃତିକ ବାସ୍ତବ ସତ୍ୟକୁ ପ୍ରକଟ କରିବା ଭଳି ମଣିଷ ଆଜି ଅତ୍ୟନ୍ତ ବିରଳ ଆମ ସମାଜରେ ! ସମସ୍ତେ କେବଳ ମିଥ୍ୟାର ଆଶ୍ରାରେ ଜୀବନ ଅତିବାହିତ କରୁଛନ୍ତି ମିଥ୍ୟାଗ୍ରାହୀ, ମିଥ୍ୟାଚାରୀ, ମିଥ୍ୟାବାଦୀ ହୋଇ ! ଏହିଭଳି ଏକ ଦୁଃସମୟରେ ଯଦି କେହି ସତ୍ୟର ପ୍ରକଟ କରନ୍ତି ତାହେଲେ ସେ ଅପବାଦ ଓ ଘୃଣାର ପାତ୍ର ହେବା ଛଡା ତାଙ୍କର ଗ୍ରହଣୀୟତା ଆଦୌ ରହୁନାହିଁ ସମାଜରେ । ତେଣୁ ଆମେ ଏକ ରକମ ମିଥ୍ୟାଭରା ସମାଜର ଜଣେ ଜଣେ ଅସଭ୍ୟ ମଣିଷ ଆଜି ସମୟର। ପ୍ରାକୃତିକ ସତ୍ୟକୁ ଜାଣିଲେ ଉପସ୍ଥିତ ସମୟର ମିଥ୍ୟାଭରା ଉପାଖ୍ୟାନ ଗୁଡିକୁ ବୁଝିହେବ ସହଜରେ ଯେ କେମିତି ଆମେ ଜୀବନର ପ୍ରତି ମୁହୂର୍ତ୍ତରେ କେବଳ ମିଥ୍ୟାଭରା ପ୍ରରୋଚନା ଦେଇ ଗତି କରୁଛେ । ଆଉ ସେହି ମିଥ୍ୟାଭରା ପ୍ରରୋଚନା ଗୁଡିକର ସମୀକ୍ଷା ଜ୍ଞାନ ଉଦୟ ହେବା ପରେ ଆମର ପ୍ରାକୃତିକ ସୃଜନଶୀଳତା ସୃଷ୍ଟି ହେବା ସହିତ ମନରୁ ମନୁଷ୍ୟକୃତ କୃତ୍ରିମ ଭୟ ଗୁଡିକ ଦୂର ହୋଇଯିବ। ମଣିଷ ନିଜେ ସୃଜନଶୀଳ ହେବା ପରେ କାହାର ପ୍ରରୋଚନାରେ ସହଜରେ ପ୍ରଭାବିତ ନହୋଇ ନିଜ ଜୀବନର ପଥ ନିଜେ ପରିଷ୍କାର କରିବାରେ ସମର୍ଥ ହାସଲ କରି ପାରିବ । ତାହା ଦ୍ୱାରା ମଣିଷ ଜୀବନର ବାସ୍ତବତା ଉପରେ ଜ୍ଞାନ ଆହରଣ କରି ନିଜକୁ ଜଣେ ବାସ୍ତବ କୃତି ମଣିଷ ଭଳି ଗଢି ତୋଳିବାରେ ସହଜରେ ସମର୍ଥ ହୋଇ ପାରିବ ।

ବର୍ତ୍ତମାନ ମନରେ ପ୍ରଶ୍ନ ଉଠୁଛି ଯେ ଜଣେ ସାଧାରଣ ନିର୍ବୋଧ ମଣିଷ ଆଜି ସମୟରେ ଏସବୁ କରିବା କ'ଣ ସହଜ କାର୍ଯ୍ୟ ? ଆଉ ତା'ର ପ୍ରକୃତ ପଥ ପ୍ରଦର୍ଶକ କିଏ ଅଛନ୍ତି ଯେ ସେ ତା'ର ସନ୍ଧାନ କେମିତି ପାଇବ ? କୁହାଯାଇଥିବା ବିଷୟ ଗୁଡିକ ଏତେ ସହଜରେ ଆମ ସମାଜରେ ଆଜି ସମୟରେ ଉପଲବ୍ଧ ନୁହେଁ ଏହା ସତ୍ୟ । କି'ନ୍ତୁ ଜିଜ୍ଞାସୁ ମଣିଷ ନିଶ୍ଚିତ ଭାବେ ଜାଣିପାରିବ ଯେ କେମିତି ସେଗୁଡିକୁ ଆୟତ୍ତ କରାଯିବ ଏବଂ ତାର ପ୍ରକୃତ ମାର୍ଗଦର୍ଶୀ କିଏ ? ଏହା ଏକ ନିରୋଳା ଗ୍ରହଣୀୟତା ଯେ ପ୍ରବଚକ କିମ୍ୱା ଧର୍ମଗୁରୁଙ୍କ ମାଧ୍ୟମରେ ଏସବୁ ପାଇବା ସମ୍ଭାବନା ଥାଏ ! କି'ନ୍ତୁ ସେମାନେ ମଧ୍ୟ ସେହି ଚତୁର ଗୋଷ୍ଠୀ ସଂଶ୍ଳିଷ୍ଟ ଯିଏ କେବଳ କିଛି ବହିରୁ କେତେକ ବିଷୟକୁ ମୁଖସ୍ଥ କରି ସେଗୁଡିକ ନିର

30 YEARS
ସମ୍ବାଦ କଣିକା
ଭୁବନେଶ୍ୱର, ୨୦ ଅଗଷ୍ଟ ୨୦୨୪ ମଙ୍ଗଳବାର

ସୁରଟରୁ ବାପାଙ୍କ ଶବ ଆଣିବା ପାଇଁ ପୁଅର ଆକୁଳ ନିବେଦନ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ରାଜଗଡ଼ ଗ୍ରାମର ସୁବ୍ରତ ରାଉତ (୧୮) ତାଙ୍କ ବାପାଙ୍କ ମୃତ ଶରୀର ସୁରଟରୁ ଫେରାଇ ଆଣିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କ ନିକଟରେ ଆକୁଳ ନିବେଦନ କରିଛନ୍ତି । ତାଙ୍କ ବାପା ସୁଶାନ୍ତ ରାଉତ ଦୀର୍ଘ ବର୍ଷ ହେଲା ସୁରଟର ଉର୍ଜୁନା ଠାରେ ରହି ଶ୍ରମିକ ଭାବରେ କାର୍ଯ୍ୟ କରନ୍ତି । ଗତ ୧୫ ତାରିଖ ସକାଳ ୮ଟାରେ କାର୍ଯ୍ୟରତ ସମୟରେ ବିଦ୍ୟୁତ୍ ଆଘାତରେ ସେ ମୃତ୍ୟୁବରଣ କରିଛନ୍ତି । ସୁରଟର ଡାକ୍ତରଖାନା ପ୍ରଶାସନ ଏବଂ ସୁରଟ ପ୍ରଶାସନ କୌଣସି ସହାୟତା ନକରିବାରୁ ଶବ ବ୍ୟବଚ୍ଛେଦ ପରେ ୩ ଦିନ ହେଲା ସେଠାରେ ପଡିରହିଛି । ଏ ବିଷୟରେ ମୃତକଙ୍କ ପୁଅ ସମସ୍ତ ଖର୍ଚ୍ଚ ବହନ କରି ତାଙ୍କ ବାପାଙ୍କ ଶବ କେନ୍ଦ୍ରାପଡାକୁ ଫେରାଇ ଆଣିବା ପାଇଁ ନିବେଦନ କରିଛନ୍ତି । ତେବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାପାତ୍ର ଅଭିଯୋଗ ପାଇବା ପରେ ତୁରନ୍ତ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ପଦକ୍ଷେପ ନେଇ ଶବ ଫେରାଇ ଆଣିବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।

।।।।।।।।।।।।।।।।।।।।।।।। ତମାଖୁ ସେବନ ଓ ବାୟୁ ପ୍ରଦୂଷଣର ପ୍ରଭାବ ।।।।।।।।।।।।।।।।।।।।।।।।

ଦେଶରେ ସିଓପିଡ଼ି ରୋଗୀଙ୍କ ସଂଖ୍ୟା ବଢୁଛି

କଳିଙ୍ଗନଗର, ନ୍ୟୁଜ୍ ବ୍ୟୁରୋ

କଳିଙ୍ଗନଗର ସମେତ ସାରା ରାଜ୍ୟରେ ଏବଂ ଦେଶରେ ସିଓପିଡି ରୋଗୀଙ୍କ ସଂଖ୍ୟା ଏବେ ବୃଦ୍ଧି ପାଉଛି । ମୁଖ୍ୟତଃ ଶିଳ୍ପାଞ୍ଚଳ ଓ ଖଣି ଅଞ୍ଚଳର ଲୋକେ ସର୍ବାଧିକ ଆକ୍ରାନ୍ତ ହେଉଛନ୍ତି । ଏଥିନେଇ ଏବେ ଲୋକ ମାନଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି । କେବଳ ସାଧାରଣ ଲୋକେ ନୁହେଁ ବରଂ ଡାକ୍ତରମାନେ ମଧ୍ୟ ସିଓପିଡି ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧିକୁ ନେଇ ଅତ୍ୟନ୍ତ ଚିନ୍ତିତ ହୋଇପଡିଛନ୍ତି । ସିଓପିଡି ରୋଗରେ ଆକ୍ରାନ୍ତ ହେଲେ ଫୁସଫୁସ୍ ସଂକ୍ରମିତ ହୋଇଥାଏ । ଯାହାକି ଶରୀର ଭିତରକୁ ବାୟୁ ପ୍ରବାହରେ ବାଧା ସୃଷ୍ଟି କରିଥାଏ । ମୁଖ୍ୟତଃ ଏଥିରେ ଆକ୍ରାନ୍ତ ହେଉଥିବା ଲୋକମାନେ ସାଧାରଣତଃ ନିଶ୍ୱାସ ପ୍ରଶ୍ୱାସ ନେବାରେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଡାକ୍ତରଙ୍କ କହିବା ଅନୁସାରେ, ତମାଖୁ, ମାଦକ ଦ୍ରବ୍ୟ (ବିଡି, ସିଗାରେଟ, ଗଞ୍ଜାଇ) ସେବନ ସମେତ ପ୍ରଦୂଷିତ ବାୟୁ ଏହି ରୋଗର ମୁଖ୍ୟ କାରଣ । କଳିଙ୍ଗନଗର ଶିଳ୍ପାଞ୍ଚଳରେ ମାତ୍ରାଧିକ ବାୟୁ ପ୍ରଦୂଷଣ ଯୋଗୁଁ ଏଠାରେ ସିଓପିଡି ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢୁଛି । ତେବେ କଳକାରଖାନାରୁ ନିର୍ଗତ ଧୂଳି, ଧୂଆଁ, ହଜାର ହଜାର ଯାନ ଯାତାୟାତ ଦ୍ୱାରା ଗାଡିରୁ ବାହାରୁଥିବା ଧୂଆଁ ଯୋଗୁଁ ବାୟୁ ପ୍ରଦୂଷଣର କାରଣ । ସବୁଠୁ ଗୁରତ୍ୱପୂର୍ଣ୍ଣ କଥା ହେଉଛି, ସରକାରଙ୍କ ଦ୍ୱାରା ତମାଖୁ ବିକ୍ରି ଉପରେ କଟକଣା ରହିଛି । ହେଲେ ସରକାରଙ୍କ ନିର୍ଦ୍ଦେଶକୁ କେହି ମାନିବା ପରି ମନେ ହେଉନି । ଯାହାକି ତମାଖୁ ଓ ନିଶା ଦ୍ରବ୍ୟ ଏ ଅଞ୍ଚଳରେ ଖୁଲମ୍ ଖୋଲା ବିକ୍ରି ଚାଲିଛି । ହେଲେ କାର୍ଯ୍ୟାନୁଷ୍ଠାନ ହେଉନି । ଏହା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ହୋଇଛି । ଫଳରେ ପ୍ରଶାସନ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ନ କରିବା ଦ୍ୱାରା ସିଓପିଡି ରୋଗୀଙ୍କ ସଂଖ୍ୟା ବଢୁଛି । କାରଣ ବିଭାଗୀୟ ଅଧିକାରୀମାନେ ମାସିକିଆ ବଟି ନେଇ ନୀରବ ରହୁଥିବା ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି । ଅପରପକ୍ଷରେ କଳିଙ୍ଗନଗର ଅଞ୍ଚଳରେ ଦିନକୁ ଦିନ ବେଆଇନ୍ ନିଶାଦ୍ରବ୍ୟ କାରବାର ବୃଦ୍ଧି ପାଇବାରେ ବି ଲାଗିଛି । ସ୍କୁଲ୍‌ରେ ପଢୁଥିବା ଛୋଟ ଛୋଟ ପିଲାମାନେ ଅତି ସହଜରେ ନିଶା ଦ୍ରବ୍ୟ (ମଦ, ଗଞ୍ଜାଇ, ଅଫିମ) ଖାଇବାର ବଶବୃତ୍ତି ହୋଇପଡୁଥିବା ଦେଖାଯାଉଛି । ତମାଖୁ ଓ ନିଶା ଦ୍ରବ୍ୟ ସେବନ, ବାୟୁ ପ୍ରଦୂଷଣ ଏବେ ଏ ଅଞ୍ଚଳ ପାଇଁ ଚିନ୍ତାର କାରଣ ପାଲଟିଛି । ଚୋରା ନିଶା କାରବାର ରୋକିବାରେ ପ୍ରଶାସନ ତରଫରୁ ସେଭଳି କିଛି ଆଖିଦୃଶିୟା ପଦକ୍ଷେପ ନିଆଯାଉନାହିଁ । ବେଆଇନ୍ ନିଶା ବେପାରୀଙ୍କ ସଂଖ୍ୟା ମଧ୍ୟ କଳିଙ୍ଗନଗରରେ ବୃଦ୍ଧି ପାଇବାରେ ଲାଗିଛି । ଅବାଧରେ ନିଶାକାରବାର ଚାଲୁଥିବାରୁ ନିଶାଡିଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଏ ଅଞ୍ଚଳରେ ବିଷାକ୍ତ ବାୟୁ ପ୍ରଦୂଷଣ ବୃଦ୍ଧି ପାଇବା ଆଉ ଏକ ଚିନ୍ତାର କାରଣ ପାଲଟିଛି । କାରଖାନା ମାନଙ୍କରୁ ନିର୍ଗତ ବିଷାକ୍ତ ଧୂଳି ଓ ଧୂଆଁ, ଅଞ୍ଚଳରେ ଗାଡି ସଂଖ୍ୟା ବୃଦ୍ଧି, ବିଷାକ୍ତ ବାୟୁ ପ୍ରଦୂଷଣ ବୃଦ୍ଧି ଘଟୁଛି । ଏଥିପ୍ରତି ପ୍ରଶାସନ ଯଥେଷ୍ଟ ଧ୍ୟାନ ଦେବାର ଆବଶ୍ୟକତା ଅଛି । କାରଣ ଏଥି ଯୋଗୁଁ କଳିଙ୍ଗନଗର ଅଞ୍ଚଳରେ ସିଓପିଡି, ଥଣ୍ଡା ଛିଙ୍କ, ଚର୍ମ ରୋଗ, କିଡ୍‌ନୀ ରୋଗ, କ୍ୟାନ୍ସର ଆଦି ବହୁ ମାରାତ୍ମକ ରୋଗୀଙ୍କ ସଂଖ୍ୟା ବଢୁଛି । ଏପରିକି ଅନେକ ଏହି ରୋଗରେ ଆକ୍ରାନ୍ତ ହୋଇ ଅକାରଣରେ ଝଡ଼ି ପଡୁଛି ଶହ ଶହ ନିରୀହ ଜୀବନ । ତେଣୁ ସିଓପିଡି ଏକ ସଂକ୍ରାମକ ରୋଗ ହୋଇଥିବାରୁ ଏହାକୁ ରୋକିବା ପାଇଁ ସରକାରଙ୍କ ପକ୍ଷରୁ ସଚେତନତା ସୃଷ୍ଟି କରିବା ଜରୁରୀ ହୋଇପଡିଛି ।

ଅଟଳଜୀଙ୍କ ଜୀବନାଦର୍ଶ ଉପରେ ଆଲୋକପାତ

ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ

ମହାନ୍ ଜନନାୟକ, ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ତିରୋଧାନ ଦିବସ ପାଳନ ହୋଇ ଯାଇଛି । 'ଅଟଳ ବିହାରୀ ବାଜେପେୟୀ ଗବେଷଣା କେନ୍ଦ୍ର (ଏବିଭିଆରଆଇ) ଆନୁକୂଲ୍ୟରେ ବିଜେପି ନେତା ଅକ୍ଷୟ କୁମାର ଭୂୟାଁଙ୍କ ପୌରୋହିତ୍ୟରେ ଚାରବାଟିଆ ହାଉସିଂବୋର୍ଡ଼ କଲୋନୀ ସ୍ଥିତ କମ୍ୟୁନିଟି ଓ୍ୱେଲ୍‌ଫେୟାର ସେଣ୍ଟରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଶାସକ ଦୁର୍ଯ୍ୟୋଧନ ରାଉତ ଓ ଯୁବ ସମାଜସେବୀ ବିଶ୍ୱରଂଜନ କର (ଗାନ୍ଧୀ) ଅତିଥି ଭାବେ ଯୋଗଦେଇ ଅଟଳଜୀଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରି ବାଜପେୟୀ ଭାରତୀୟ ରାଜନୀତିରେ ଉଦାରତା, ସହିଷ୍ଣୁତାର ଅପ୍ରତିମ ଉଦାହରଣ ଥିଲେ ବୋଲି ମତବ୍ୟକ୍ତ କରିଥିଲେ । ରାଜନୀତିରେ ତାଙ୍କର ପରାକାଷ୍ଠା, ବିଦେଶ ନୀତି, ସଂସଦୀୟ ଜୀବନ, ଭାଷଣ ଚାତୁରୀ, କବି ପ୍ରତିଭା, ତାଙ୍କର ସଚ୍ଚୋଟତା ଓ ପ୍ରତିବଦ୍ଧତା ଅବିସ୍ମରଣୀୟ ଏବଂ ସେ ଦଳମତ ନିର୍ବିଶେଷରେ ସମସ୍ତଙ୍କର ପ୍ରିୟପାତ୍ର ଥିଲେ ବୋଲି ପ୍ରକାଶ କରିଥିଲେ । ବରିଷ୍ଠ ନାଗରିକ ଦୁର୍ଯ୍ୟୋଧନ ଶତପଥି, ବୈଷ୍ଣବ ଚରଣ ପ୍ରଧାନ, ବିଶ୍ୱକଲ୍ୟାଣ ଦାସ, କେ.ସି.ପ୍ରତାପ ସିଂହ, ଚନ୍ଦ୍ରପ୍ରକାଶ ପଟ୍ଟନାୟକ, ଅକ୍ଷୟ କୁମାର ମିଶ୍ର, ପ୍ରକାଶ ମୋହନ ପଟ୍ଟନାୟକ, ସତ୍ୟନାରାୟଣ ରଥ, କବିତା ପରିଡ଼ା, ପ୍ରଭାକର ସ୍ୱାଇଁ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସଂଗଠନର ଚୌଦ୍ୱାର ଶାଖାର ଆବାହକ ଦିବ୍ୟଜ୍ୟୋତି ପାଣି ପ୍ରାରମ୍ଭିକ ସୂଚନା ପ୍ରଦାନ କରି ଅଟଳଜୀଙ୍କୁ ଯୁଗପୁରୁଷ ଭାବେ ବର୍ଣ୍ଣନା କରିଥିଲେ । ସ.ତବ୍ଲ୍ୟୁ.ସିର ସଭାପତି ପ୍ରଣବ ମହାନ୍ତି ଧନ୍ୟବାଦ ଦେଇଥିଲେ ।

'କେନ୍ଦୁଝରକୁ ଶିଶୁ ଶ୍ରମିକ ମୁକ୍ତ ଜିଲ୍ଲା ଘୋଷଣା କରାଯିବ'

କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ

କେନ୍ଦୁଝର ସହରର ରୋଟାରି ଭବନ ଠାରେ ରବିବାର ସକାଳ ୧୦ ଘଟିକା ସମୟରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ସମିତି ଦ୍ୱାରା ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାଟି ରାଜ୍ୟ ଶିଶୁଅଧିକାର ସୁରକ୍ଷା ସମିତି ଦ୍ୱାରା ଆୟୋଜିତ ହୋଇଥିବା ବେଳେ ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆସ୍ଥାୟାରର ସହଯୋଗ ରହିଥିଲା । ଉକ୍ତ କର୍ମଶାଳାରେ ରାଜ୍ୟର ବିଭିନ୍ନ ୧୯ ଗୋଟି ବ୍ଲକ ଯଥା କେନ୍ଦୁଝରର ସମସ୍ତ ୧୩ ଗୋଟି ବ୍ଲକ, ଯାଜପୁରର ସୁକିନ୍ଦା ଓ ଦାନଗଦି, ସୁନ୍ଦରଗଡ଼ର କୋଇଡା ଓ କୁତ୍ରା, ଢେଙ୍କାନାଳର ହିନ୍ଦୋଳ ଓ ଓଡପଡାର ଶିଶୁ ଅଧିକାର ସୁରକ୍ଷା ମଞ୍ଚରେ କାର୍ଯ୍ୟରତ ଆଗଧାଡିର ନେତୃମଣ୍ଡଳୀ ଉପସ୍ଥିତ ଥିଲେ। ଉକ୍ତ କର୍ମଶାଳାରେ ମୁଖ୍ୟ ସଦସ୍ୟ ସଦସ୍ୟା ମାନଙ୍କ ମଧ୍ୟରେ ସ୍ୱର୍ଣ୍ଣଲତା ବାନରା, ଅକ୍ଷୟ କୁମାର ପଲେଇ, ଜଗବନ୍ଧୁ ବେଜ୍, ମନୋଜ କୁମାର ପଟେଲ, ଧୀରେନ୍ଦ୍ର ନାଥ ଖଟୁଆ, ରୀନା ଭଟ୍ଟାଚାର୍ଯ୍ୟ, ଆସ୍ଥାୟାର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଦୟାରାମ, ରାଜ୍ୟ ସଂଯୋଜକ ଓଡ଼ିଶା ରବି କୁମାର, ରାଜ୍ୟ ସଂଯୋଜକ ଝାରଖଣ୍ଡ ଜି. ନରେଶ ଉପସ୍ଥିତ ରହି କର୍ମଶାଳାକୁ ସୁପରିଚାଳନା କରିଥିଲେ। ଅନୁଷ୍ଠାନର ସଚିବ ଶ୍ରୀ ଦୟାରାମ ଭିଡ଼ିଓ କନ୍‌ଫେରେନ୍ସ ମାଧ୍ୟମରେ ଶିଶୁ ଅଧିକାର ଓ ଶିଶୁ ଶ୍ରମିକ ମୁକ୍ତ ଅଞ୍ଚଳ ଘୋଷଣା ହେବାଦ୍ୱାରା ସମାଜରେ ଶିଶୁମାନଙ୍କ ପ୍ରତି ଦାୟିତ୍ୱବୋଧକୁ ଆଲୋକପାତ କରିଥିଲେ। ଆଗାମୀ ଦିନରେ ଏହି ଶିଶୁ ସୁରକ୍ଷା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କାରିବାକୁ ନିଷ୍ପତି ନେଇଛି ସଂଗଠନ । ସେଥିମଧ୍ୟରୁ, କେନ୍ଦୁଝର ଜିଲ୍ଲାକୁ ଆସନ୍ତା ନଭେମ୍ବର ମାସରେ ଶିଶୁ ଶ୍ରମିକ ମୁକ୍ତ ଜିଲ୍ଲା ଭାବରେ ଘୋଷଣା କରାଯିବା, ୬-୧୪ ବର୍ଷର ସମସ୍ତ ଶିଶୁଙ୍କୁ ଶିକ୍ଷା ମିଳିବା ସୁନିଶ୍ଚିତ କରାଯିବା ସହିତ ଆଗାମୀ ଦିନରେ କୌଣସି ଶିଶୁକୁ ଶ୍ରମିକ ଭାବରେ ନିୟୋଜିତ କରାଯିବନାହିଁ, ସମସ୍ତ ଶିଶୁ ଅଧିକାର ସୁରକ୍ଷାକୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଣ୍ଣୟ କରାଯାଇଛି । କାର୍ଯ୍ୟକ୍ରମର ଶେଷରେ ଉପସ୍ଥିତ ସଂଗଠନର ଭାଇ ଭଉଣୀମାନେ ପବିତ୍ର ବନ୍ଧନ ଉଦେଶ୍ୟରେ ରାକ୍ଷୀ ବାନ୍ଧି ରାକ୍ଷୀ ପୂର୍ଣ୍ଣିମୀର ଅଗ୍ରିମ ଅଭିନନ୍ଦନ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଆସ୍ଥାୟାରର ସମସ୍ତ ବ୍ଲକର କାର୍ଯ୍ୟକର୍ତ୍ତାମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।

ପୂର୍ବତନ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିଆରା ପ୍ରୟାସ

ଛାତ୍ରଛାତ୍ରୀଙ୍କୁ ମିଳିବ ପ୍ରମିଳା ସାହୁ ମେଧାବୃତ୍ତି ସମ୍ମାନ

ତିର୍ତ୍ତୋଲ, ନ୍ୟୁଜ୍ ବ୍ୟୁରୋ

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଇବ୍ରିସଂ ପଞ୍ଚାୟତର ଶିଳନ୍ଦୀ-ଖନ୍ଦୋଳ ଛାତ୍ରଛାତ୍ରୀଙ୍କ ପାଠପଢା ପ୍ରତି ଆଗ୍ରହ ବଢାଇବା ପାଇଁ ଅଣ୍ଟା ଭିଡ଼ିଲେ ପୂର୍ବତନ ଜିଲ୍ଲା ଶିକ୍ଷା ଅଧିକାରୀ। ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରସାନନ୍ଦ ସାହୁ ତାଙ୍କ ପତ୍ନୀ ପ୍ରମିଳା ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ମେଧାବୃତ୍ତି ସମ୍ମାନ ସଭା ଆୟୋଜନ କରି ଛାତ୍ର ଛାତ୍ରୀ ମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯାଇଛି।ଏହି କାର୍ଯ୍ୟକ୍ରମ ସଭାପତି ପ୍ରକାଶ ଚନ୍ଦ୍ର ସାହୁ ଓ ସମ୍ପାଦକ ସଂଗ୍ରାମ କେଶରୀ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜନ କରାଯାଇଥିଲା। ବଡିଲୋ ସରକାରୀ ପ୍ରାଥମିକ ବିଦ୍ୟାଳୟର କୃତି ଛାତ୍ରଛାତ୍ରୀ ସ୍ମୃତି ସମୀକ୍ଷା ନାୟକ, ରୋଜାଲିନ ସେଠୀ, ଟ୍ୱିଙ୍କିଲ ସାହୁ, ସ୍ୱସ୍ତିକ ସ୍ୱାଇଁ ଓ ଲକ୍ଷ୍ମୀପ୍ରିୟା ସେଠୀଙ୍କୁ ସଭାରେ ଅର୍ଥରାଶି ସହ ପ୍ରଂଶସା ପତ୍ର ତଥା ଟ୍ରଫି ପ୍ରଦାନ କରାଯାଇଥିଲା । ନୃତ୍ୟ, ସଂଗୀତ ତଥା ବକ୍ତୃତା ପ୍ରଦାନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟରେ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଦୁଇଟି ଝୁଲା ଦୋଳି ଓ ଖସଡ଼ା ବ୍ୟବସ୍ଥା ୬୬ ହଜାର ଅର୍ଥ ବ୍ୟୟରେ କରିଥିବା ବେଳେ ଦୀର୍ଘ ଦିନ ହେବ ସରସ୍ୱତୀ ପୂଜା ଓ ଗଣେଶ ପୂଜା ଅବସରରେ ନିୟମିତ ଭାବେ ପ୍ରୀତି ଭୋଜନ ପ୍ରଦାନ କରୁଥିବାବେଳେ ପ୍ରତି ସପ୍ତାହରେ ଖିରି ବ୍ୟବସ୍ଥା ଏବଂ ସ୍ୱାଧୀନତା ଦିବସ ଓ ଗଣତନ୍ତ୍ର ଦିବସରେ ମିଷ୍ଟାନ୍ନ ମଧ୍ୟ ପ୍ରଦାନ କରି ଆସୁଛନ୍ତି । ଶ୍ରୀ ସାହୁ କୋଷାଧ୍ୟକ୍ଷଙ୍କୁ ସ୍ଥଗିତ ଅର୍ଥରାଶି ପଚାଶ ହଜାର ଟଙ୍କା ଆଗାମୀ ମେଧାବୃତ୍ତି ସମ୍ମାନ କାର୍ଯ୍ୟକ୍ରମ ପରିଚାଳନା ପାଇଁ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରଶଂସା କରାଯିବା ସହିତ ଆଗାମୀ ଦିନରେ ପିଲାମାନେ ପାଠପଢ଼ିବା ପାଇଁ ଅଧିକ ମନ ବଳେଇବେ ବୋଲି ଚର୍ଚ୍ଚା ହେଉଛି ।

ବିଦ୍ୟାଜ୍ୟୋତି ଯୋଜନାରେ ୬ଜଣ ଛାତ୍ରୀଙ୍କୁ ଶିକ୍ଷାବୃତ୍ତି ପ୍ରଦାନ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

ପବିତ୍ର ସ୍ୱାଧୀନତା ଦିବସ ଅବସରରେ କେନ୍ଦ୍ରାପଡା କାନାରା ବ୍ୟାଙ୍କ ଶାଖା ଆନୁକୂଲ୍ୟରେ କାନାରା ବିଦ୍ୟାଜ୍ୟୋତି ଯୋଜନାରେ ୬ଜଣ ଦଳିତ ଛାତ୍ରୀଙ୍କୁ ଶିକ୍ଷାବୃତ୍ତି ପ୍ରଦାନ କରାଯାଇଛି । ଶାଖାର ପରିଚାଳକ ପ୍ରଜ୍ଞା ପରମିତା ସାହୁଙ୍କ ତତ୍ତ୍ୱାବଧାନରେ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଢୋଲ ପଞ୍ଚାୟତର ଯମରା ଗ୍ରାମକୁ ପୋଷ୍ୟ ସନ୍ତାନ ଭାବେ ବ୍ୟାଙ୍କ ଗ୍ରହଣ କରିଥିବାରୁ ବ୍ୟାଙ୍କ ତରଫରୁ ଭଲ ପାଠ ପଢୁଥିବା ଦଳିତ ଛାତ୍ରୀଙ୍କୁ ସହାୟତା ପ୍ରଦାନ କରାଯାଇଛି । ଏହି ସହାୟତା ଯମରା ପ୍ରାଇମେରୀ ସ୍କୁଲ୍ ଓ ହାଇସ୍କୁଲର ଛାତ୍ରୀ ଚିତ୍ରଲେଖା ମଲ୍ଲିକ, ମା' ମଙ୍ଗଳା ଉଚ୍ଚ ବିଦ୍ୟାପୀଠର ଅରପିତା ମଲ୍ଲିକ, ୟୁ.ପି ସ୍କୁଲ୍‌ର ଲକ୍ଷ୍ମୀପ୍ରିୟା ବେହେରା, ମନୀଷା ମଲ୍ଲିକ, ରୂପାଲି ମଲ୍ଲିକ, ରେଖା ସେଠୀ ପ୍ରମୁଖଙ୍କୁ ସପ୍ତମ ଶ୍ରେଣୀଯାଏ ୩ ଜଣ ଛାତ୍ରୀଙ୍କୁ ୨୫୦୦ ଟଙ୍କା ଓ ଅଷ୍ଟମରୁ ଦଶମ ଶ୍ରେଣୀ ଯାଏ ୩ ଜଣ ଛାତ୍ରୀଙ୍କୁ ୫ ହଜାର ଟଙ୍କା ଶିକ୍ଷାବୃତ୍ତି ରାଶି ପ୍ରଦାନ କରାଯାଇଛି । ଏହି ରାଶି ପ୍ରଦାନ ସମୟରେ ପ୍ରଧାନ ଶିକ୍ଷକଙ୍କ ସମେତ ସ୍କୁଲର ଶିକ୍ଷକ/ଶିକ୍ଷୟିତ୍ରୀ ପ୍ରମୁଖ ସହଯୋଗ କରିଥିଲେ ।

ବ୍ରହ୍ମପୁରରେ ବୟନିକାର ସ୍ୱତନ୍ତ୍ର ୟୁନିଟ୍ ଖୁବ୍ ଶୀଘ୍ର ଉଦ୍‌ଘାଟନ

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ଉତ୍କର୍ଷ କଳାର ରାଜ୍ୟ ଓଡ଼ିଶା । ଏହି ରାଜ୍ୟର କଳା ସଂସ୍କୃତି ଓ ସ୍ଥାପତ୍ୟ ବିଶ୍ୱ ବିଦିତ । ଉତ୍କଳୀୟ କଳା ସଂସ୍କୃତିରେ ହସ୍ତତନ୍ତ ବସ୍ତ୍ରର ଭୂମିକା ସ୍ୱତନ୍ତ୍ର । ଭାରତର ଐତିହ୍ୟ, ପରମ୍ପରା ଓ ସଂସ୍କୃତିର ସଂରକ୍ଷଣ ପାଇଁ ଓଡ଼ିଶା ହସ୍ତତନ୍ତ ବସ୍ତ୍ର ବିଶେଷ ସ୍ଥାନ ନେଇଛି । ଏହି ପ୍ରାଚୀନ କଳାକୁ ବଂଶାନୁକ୍ରମେ ବୃତି ଭାବେ ଆଦରି ନେଇଛନ୍ତି । ଓଡ଼ିଶାର ଅଗଣିତ ବୁଣାକାର ଏବଂ ବୁଣାକାରଙ୍କ ସ୍ୱାର୍ଥରେ ୧୯୫୬ରୁ କାର୍ଯ୍ୟ କରୁଛି ଓଡ଼ିଶା । ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିଃ ବୟନିକା ବ୍ୟାପକ ବଜାର ସୃଷ୍ଟି କରିଛି । ଏଥି ସହ ବୁଣାକାରଙ୍କ ବିକାଶ ପାଇଁ ବୟନିକା ସୃଷ୍ଟି କରିଛି ବ୍ୟାପକ ବଜାର । ଏବେ ବୟନିକାର ଆଉ ଏକ ୟୁନିଟ୍ ବ୍ରହ୍ମପୁରରେ ଖୋଲିବାକୁ ଯାଉଛି । ଏହି ୟୁନିଟ୍‌ର ସ୍ଥାପନ ଦ୍ୱାରା ବ୍ରହ୍ମପୁର ସିଲ୍କ ପାଟ ଓ ତାର ବୁଣାକାରଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ବୟନ ଶିଳ୍ପ ଉପ ନିର୍ଦ୍ଦେଶକ ଗୋଲାପି ଗୋପରାଣୀ ମୁର୍ମୁ କହିଛନ୍ତି । ରାଜ୍ୟ ହସ୍ତତନ୍ତ, ବୟସ ଓ ହସ୍ତଶିଳ୍ପ ବିଭାଗ ଆସନ୍ତା ଗଣେଶ ପୂଜା ଅବସରରେ ବୟନିକାର ଏହି ସ୍ୱତନ୍ତ୍ର ୟୁନିଟ୍‌ର ଉଦ୍‌ଘାଟନ କରିବ ବୋଲି ସୂଚନା ମିଳିଛି । ଆଙ୍କୋଲି ଶିଳ୍ପାଞ୍ଚଳ ଜିଲ୍ଲାର ପୁରୁଣା ଶିଳ୍ପାଞ୍ଚଳ ଭାବେ ପରିଚିତ । ଶିଳ୍ପାଞ୍ଚଳ ସ୍ଥାପନ ସମୟରେ ଏଠାରେ ରାଜ୍ୟ ହସ୍ତତନ୍ତ ବିଭାଗର ପରିଚାଳିତ କ୍ୟାଲେଣ୍ଡରିଂ ଆଣ୍ଡ ଡ଼ାଇଂ କାରଖାନା ରହିଥିଲା । ବୁଣାକାରଙ୍କ ପାଇଁ ଆବଶ୍ୟକ ବିଭିନ୍ନ ରଙ୍ଗର ସୂତା ଏଠାରେ ପ୍ରସ୍ତୁତ କରାଯାଉଥିଲା । ବୁଣାକାର ଏଠାରୁ ସୂତା ନେଇ ଲୁଗା ଓ ଯୋଡ଼ ତିଆରି କରୁଥିଲେ । ମାତ୍ର ୨୫ ରୁ ୩୦ ବର୍ଷ ହେବ ଉକ୍ତ ୟୁନିଟ୍ ବନ୍ଦ ହୋଇଯାଇଛି ଏବଂ ଜମି ଖାଲି ପଡ଼ିଥିଲା । ଖାଲି ସ୍ଥାନରେ ବୟନିକା ସୋ' ରୁମ୍ ଖୋଲିବାକୁ ବିଭାଗ ପଦକ୍ଷେପ ନେଇଛି । ଗତ ବର୍ଷ ଠାରୁ କୋଠା ନିର୍ମାଣ ଆରମ୍ଭ ହୋଇ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ମାସକ ଭିତରେ ବୟନିକାର ଏହି ସୋ

ଅଣ୍ଡର-୧୯ ମହିଳା ଟି-୨୦ ବିଶ୍ୱକପ୍-୨୦୨୫

ବିଶ୍ୱକପ୍‌ରେ ମୁହାଁମୁହିଁ ହେବେନି ଭାରତ-ପାକିସ୍ତାନ !

ଦୁବାଇ

ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ମାଲେସିଆରେ ଅନୁଷ୍ଠିତ ହେବାକୁ ଥିବା ଅଣ୍ଡର-୧୯ ମହିଳା ଟି୨୦ ବିଶ୍ୱକପ ୨୦୨୫ ମ୍ୟାଚ୍‌ର କ୍ରୀଡ଼ାସୂଚୀ ଘୋଷଣା କରିଛି । ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାର ଗୋଟିଏ ଦିନ ପରେ ଜାନୁଆରୀ ୧୯ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଡିଫେଣ୍ଡିଂ ଚାମ୍ପିୟନ୍ ଭାରତ ଏହାର ଅଭିଯାନ ଆରମ୍ଭ କରିବ । ୪୧ଟି ମ୍ୟାଚ୍ ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟରେ ବିଶ୍ୱର ୧୬ଟି ଦଳ ଅଂଶଗ୍ରହଣ କରିବେ । ମହିଳା କ୍ରିକେଟର ଭବିଷ୍ୟତ ତାରକାମାନେ ଜାନୁଆରୀ ୧୮ରୁ ଫେବୃଆରୀ ୨, ୨୦୨୫ ପର୍ଯ୍ୟନ୍ତ ୧୫ ଦିନିଆ ପ୍ରତିଯୋଗିତାରେ ନିଜର ପ୍ରତିଭା ପ୍ରଦର୍ଶନ କରିବେ । ଏଥିପାଇଁ ୪ଟି ଲେଖାଏଁ ଦଳକୁ ନେଇ ଗଠିତ ହୋଇଛି ୪ଟି ଗ୍ରୁପ୍ । ହେଲେ ଆଶ୍ଚର୍ଯ୍ୟଜନକ କଥା ହେଉଛି ଭାରତ ଓ ପାକିସ୍ତାନକୁ ଅଲଗା ଅଲଗା ଗ୍ରୁପ୍‌ରେ ସ୍ଥାନ ଦିଆଯାଇଛି । ଅର୍ଥାତ ଏହି ବିଶ୍ୱକପ୍‌ରେ ଦୁଇ ପାରମ୍ପାରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମୁହାଁମୁହିଁ ହେବେନାହିଁ, ଯାହାକୁ ନେଇ ନିରାଶ ହୋଇଛନ୍ତି ପ୍ରଶଂସକ । ହେଲେ ଯଦି ଦୁଇ ଦଳ ସେମିଫାଇନାଲ କିମ୍ବା ଫାଇନାଲରେ ପ୍ରବେଶ କରନ୍ତି, ତେବେ ଉଭୟ ମୁହାଁମୁହିଁ ହେବାର ସମ୍ଭାବନା ରହିଛି ।

୪ଟି ଲେଖାଏଁ ଦଳକୁ ନେଇ ଗଠିତ ହୋଇଛି ୪ଟି ଗ୍ରୁପ : ଗ୍ରୁପ୍ ଏ – ଭାରତ, ୱେଷ୍ଟଇଣ୍ଡିଜ, ଶ୍ରୀଲଙ୍କା ଓ ମାଲେସିଆ । ଗ୍ରୁପ୍ ବି – ଇଂଲଣ୍ଡ, ପାକିସ୍ତାନ, ଆୟରଲାଣ୍ଡ ଓ ୟୁଏସ୍‌ଏ । ଗ୍ରୁପ୍ ସି – ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା, ଆଫ୍ରିକା (କ୍ୱାଲିଫାୟର), ସମୋଆ । ଗ୍ରୁପ୍ ଡି – ଅଷ୍ଟ୍ରେଲିଆ, ବାଂଲାଦେଶ, ଏସିଆ (କ୍ୱାଲିଫାୟର), ସ୍କଟଲାଣ୍ଡ ।

ସମ୍ପୂର୍ଣ୍ଣ କ୍ରୀଡ଼ାସୂଚୀ (ସ୍ଥାନୀୟ ସମୟ) :

୧୮ ଜାନୁଆରୀ: ଅଷ୍ଟ୍ରେଲିଆ ବନାମ ସ୍କଟଲ୍ୟାଣ୍ଡ, ଦିନ ୧୦:୩୦ । ୧୮ ଜାନୁଆରୀ: ଇଂଲଣ୍ଡ ବନାମ ଆୟରଲାଣ୍ଡ, ଦିନ ୧୦:୩୦ । ୧୮ ଜାନୁଆରୀ: ସମୋଆ ବନାମ ଆଫ୍ରିକା କ୍ୱାଲିଫାୟର, ଦିନ ୧୦:୩୦ । ୧୮ ଜାନୁଆରୀ: ବାଂଲାଦେଶ ବନାମ ଏସିଆ କ୍ୱାଲିଫାୟର, ଦିନ ୨:୩୦ । ୧୮ ଜାନୁଆରୀ: ପାକିସ୍ତାନ ବନାମ ୟୁଏସ୍‌ଏ, ଦିନ ୨:୩୦ । ୧୮ ଜାନୁଆରୀ: ନ୍ୟୁଜିଲାଣ୍ଡ ବନାମ ଆଫ୍ରିକା, ଦିନ ୨:୩୦ ।

୧୯ ଜାନୁଆରୀ: ଶ୍ରୀଲଙ୍କା ବନାମ ମାଲେସିଆ, ଦିନ ୧୦:୩୦ । ୧୯ ଜାନୁଆରୀ: ଭାରତ ବନାମ ୱେଷ୍ଟଇଣ୍ଡିଜ, ଦିନ ୨:୩୦ ।

୨୦ ଜାନୁଆରୀ: ଅଷ୍ଟ୍ରେଲିଆ ବନାମ ବାଂଲାଦେଶ, ଦିନ ୧୦:୩୦ । ୨୦ ଜାନୁଆରୀ: ଆୟରଲାଣ୍ଡ ବନାମ ୟୁଏସ୍‌ଏ, ଦିନ ୧୦:୩୦ । ୨୦ ଜାନୁଆରୀ: ନ୍ୟୁଜିଲାଣ୍ଡ ବନାମ ଆଫ୍ରିକା କ୍ୱାଲିଫାୟର, ଦିନ ୧୦:୩୦ । ୨୦ ଜାନୁଆରୀ: ସ୍କଟଲାଣ୍ଡ ବନାମ ଏସିଆ କ୍ୱାଲିଫାୟର, ଦିନ ୨:୩୦ । ୨୦ ଜାନୁଆରୀ: ଇଂଲଣ୍ଡ ବନାମ ପାକିସ୍ତାନ, ଦିନ ୨:୩୦ । ୨୦ ଜାନୁଆରୀ: ଦକ୍ଷିଣ ଆଫ୍ରିକା ବନାମ ସମୋଆ, ଦିନ ୨:୩୦ ।

୨୧ ଜାନୁଆରୀ: ୱେଷ୍ଟଇଣ୍ଡିଜ ବନାମ ଶ୍ରୀଲଙ୍କା, ଦିନ ୧୦:୩୦ । ୨୧ ଜାନୁଆରୀ: ଭାରତ ବନାମ ମାଲେସିଆ, ଦିନ ୨:୩୦ ।

୨୨ ଜାନୁଆରୀ: ବାଂଲାଦେଶ ବନାମ ସ୍କଟଲାଣ୍ଡ, ଦିନ ୧୦:୩୦ । ୨୨ ଜାନୁଆରୀ: ଇଂଲଣ୍ଡ ବନାମ ୟୁଏସ୍‌ଏ, ଦିନ ୧୦:୩୦ । ୨୨ ଜାନୁଆରୀ: ନ୍ୟୁଜିଲାଣ୍ଡ ବନାମ ସମୋଆ, ଦିନ ୧୦:୩୦ । ୨୨ ଜାନୁଆରୀ: ଅଷ୍ଟ୍ରେଲିଆ ବନାମ ଏସିଆ କ୍ୱାଲିଫାୟର, ଦିନ ୨:୩୦ । ୨୨ ଜାନୁଆରୀ: ପାକିସ୍ତାନ ବନାମ ଆୟରଲାଣ୍ଡ, ଦିନ ୨:୩୦ । ୨୨ ଜାନୁଆରୀ: ଦକ୍ଷିଣ ଆଫ୍ରିକା ବନାମ ଆଫ୍ରିକା କ୍ୱାଲିଫାୟର, ଦିନ ୨:୩୦ ।

୨୩ ଜାନୁଆରୀ: ମାଲେସିଆ ବନାମ ୱେଷ୍ଟଇଣ୍ଡିଜ, ଦିନ ୧୦:୩୦ । ୨୩ ଜାନୁଆରୀ: ଭାରତ ବନାମ ଶ୍ରୀଲଙ୍କା, ଦିନ ୨:୩୦ ।

୨୪ ଜାନୁଆରୀ: ବି୪ ବନାମ ସି୪, ଦିନ ୧୦:୩୦ । ୨୪ ଜାନୁଆରୀ: ଏ୬ ବନାମ ଡି୪, ଦିନ ୨:୩୦ ।

୨୫ ଜାନୁଆରୀ: ସୁପର ୬- ବି୨ ବନାମ ସି୩, ଦିନ ୧୦:୩୦ । ୨୫ ଜାନୁଆରୀ: ସୁପର ୬- ବି୧ ବନାମ ସି୨, ଦିନ ୧୦:୩୦ । ୨୫ ଜାନୁଆରୀ: ସୁପର ୬- ଏ୩ ବନାମ ଡି୧, ଦିନ ୨:୩୦ । ୨୫ ଜାନୁଆରୀ: ସୁପର ୬- ସି୧ ବନାମ ବି୩, ଦିନ ୨:୩୦ ।

୨୬ ଜାନୁଆରୀ: ସୁପର ୬- ଏ୨ ବନାମ ଡି୩, ଦିନ ୧୦:୩୦ । ୨୬ ଜାନୁଆରୀ: ସୁପର ୬- ଏ୧ ବନାମ ଡି୨, ଦିନ ୨:୩୦

୨୭ ଜାନୁଆରୀ: ସୁପର ଏ- ବି୧ ବନାମ ସି୩, ଦିନ ୧୦:୩୦

୨୮ ଜାନୁଆରୀ: ସୁପର ୬- ଏ୩ ବନାମ ଡି୨, ଦିନ ୧୦:୩୦ । ୨୮ ଜାନୁଆରୀ: ସୁପର ୬- ସି୧ ବନାମ ବି୨, ଦିନ ୧୦:୩୦ । ୨୮ ଜାନୁଆରୀ: ସୁପର ୬- ଏ୧ ବନାମ ଡି୩, ଦିନ ୨:୩୦ ।

୨୯ ଜାନୁଆରୀ: ସୁପର ୬- ସି୨ ବନାମ ବି୩, ଦିନ ୧୦:୩୦ । ୨୯ ଜାନୁଆରୀ: ସୁପର ୬- ଏ୨ ବନାମ ଡି୧, ଦିନ ୨:୩୦

୩୧ ଜାନୁଆରୀ: ସେମିଫାଇନାଲ ୧, ଦିନ ୧୦:୩୦ । ୩୧ ଜାନୁଆରୀ: ସେମିଫାଇନାଲ ୨, ଦିନ ୨:୩୦ । ୨ ଫେବୃଆରୀ: ଫାଇନାଲ, ଦିନ ୨:୩୦ ।

ରାତାରାତି କୋଟିପତି ହୋଇଗଲେ ଅର୍ଶଦ ନଦିମ



ଇସଲାମାବାଦ୍

୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତର ନୀରଜ ଚୋପ୍ରାଙ୍କ ଅପେକ୍ଷା ଅର୍ଶଦ ନଦିମ ଭଲ ପ୍ରଦର୍ଶନ କରିଥିଲେ । ନାଦିମ ୯୨.୯୭ ମିଟର ଜାଭେଲିନ ଫିଙ୍ଗି ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ । ଗତ ଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା ନୀରଜ ଚୋପ୍ରା ରୌପ୍ୟ ପଦକ ଜିତିଥିଲେ । ସେବେଠାରୁ ନଦିମ କ୍ରମାଗତ ଭାବରେ ଚର୍ଚ୍ଚାରେ ରହୁଛନ୍ତି ।

ସ୍ୱର୍ଣ୍ଣ ପଦକ ଜିତିବା ପରେ ଅର୍ଶଦ ନଦିମ କ୍ରମାଗତ ଭାବରେ ପୁରସ୍କାର ରୂପେ କୋଟି କୋଟି ଟଙ୍କା ପାଉଛନ୍ତି । ସ୍ୱର୍ଣ୍ଣ ପଦକ ଜିତିବା ପୂର୍ବରୁ ଅର୍ଶଦ ନଦିମଙ୍କ ମୋଟ ସମ୍ପତ୍ତି ମାତ୍ର ୮୦ ଲକ୍ଷ ଟଙ୍କା ଥିଲା । ପ୍ୟାରିସ୍ ଅଲିମ୍ପିକ୍ସ ପୂର୍ବରୁ ନଦିମଙ୍କର କେବଳ ଗୋଟିଏ ସୁଜୁକି କାର୍ ଥିଲା । କିନ୍ତୁ ଏବେ ସେ କୋଟି କୋଟି ଟଙ୍କାର ମାଲିକ ।

ପ୍ୟାରିସ୍ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ପାଇଁ ପୁରସ୍କାର ରାଶି ଭାବରେ ଅର୍ଶଦ ନାଡିମ ୫୦ ହଜାର ଡଲାର ପାଇଥିଲେ । ଏହା ଭାରତୀୟ ଟଙ୍କା ପାଖାପାଖି ୪୨ ଲକ୍ଷ ଟଙ୍କା । ପାକିସ୍ତାନୀ ଟଙ୍କାରେ ଏହା ୧ କୋଟି ୪୦ ଲକ୍ଷ ଟଙ୍କା ଥିଲା । ଏହା ବ୍ୟତୀତ ପଞ୍ଜାବ ସରକାର ପାକିସ୍ତାନୀ ଅର୍ଶଦଙ୍କୁ ୧୦ କୋଟି ଟଙ୍କା ଦେବାକୁ ଘୋଷଣା କରିଛନ୍ତି । ଏହା ବ୍ୟତୀତ ପଞ୍ଜାବ ରାଜ୍ୟପାଳ ସର୍ଦ୍ଦାର ସଲିମ ହାୟଦାର ଖାନ ତାଙ୍କୁ ପୃଥକ୍ ଭାବରେ ୨୦ ଲକ୍ଷ ପାକିସ୍ତାନୀ ଟଙ୍କା ଦେବାକୁ ଘୋଷଣା କରିଥିଲେ । ସିନ୍ଧ ପ୍ରଦେଶର ମୁଖ୍ୟମନ୍ତ୍ରୀ ଏବଂ କରାଚିର ମେୟର ମିଳିତ ଭାବେ ତାଙ୍କୁ ୫ କୋଟି ପାକିସ୍ତାନୀ ଟଙ୍କା ଦେବେ ଏବଂ ସିନ୍ଧ ରାଜ୍ୟପାଳ କାମ୍ରାନ ଟେସୋରୀ ତାଙ୍କୁ ପୃଥକ ଭାବରେ ୧୦ ଲକ୍ଷ ଟଙ୍କା ଦେବେ ।

ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ପରେ ଅର୍ଶଦ ନାଡିମଙ୍କୁ ମୋଟ୍ ୧୫ କୋଟି ୪୦ ଲକ୍ଷ ଟଙ୍କା ପୁରସ୍କାର ମିଳିବ । ଏହା ବ୍ୟତୀତ ତାଙ୍କ ଶ୍ୱଶୁର ମଧ୍ୟ ଏକ ମଇଁଷି ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ଏବଂ ଜଣେ ବ୍ୟବସାୟୀ ମଧ୍ୟ ଆଲଟ୍ଟା କାର୍ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

୨୦୨୫ ଆଇପିଏଲରେ ବିରାଟଙ୍କ ଦଳରେ ଖେଳିବେ ରିଙ୍କୁ ସିଂ !

ନୂଆଦିଲ୍ଲୀ

ଆଇପିଏଲରେ ରିଙ୍କୁ ସିଂ କେକେଆର୍ ପାଇଁ ଖେଳନ୍ତି । କେକେଆରରେ ରିଙ୍କୁ ସିଂଙ୍କ ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଯାହାକି ତାଙ୍କ ଖେଳ ପ୍ରଦର୍ଶନରୁ ସ୍ପଷ୍ଟ ଭାବେ ବାରି ହୋଇପଡ଼ିଥାଏ । ରିଙ୍କୁ ୨୦୧୮ ରେ କେକେଆର୍ ସହିତ ଆଇପିଏଲ୍ ଡେବ୍ୟୁ କରିଥିଲେ । ଆଇପିଏଲ୍ ୨୦୨୩ରେ ଗୁଜୁରାଟ ଟାଇଟାନ୍ସ ବିପକ୍ଷରେ ଲଗାତାର ପାଞ୍ଚଟି ଛକା ମାରି ସେ ଲାଇମ୍‌ଲାଇଟ୍‌କୁ ଆସିଥିଲେ । ଆଇପିଏଲ୍ ୨୦୨୪ରେ କୋଲକାତା ନାଇଟ୍ ରାଇଡର୍ସ ସନରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରି ଟାଇଟଲ୍ ଜିତିଥିଲା । ଏହି ବିଜୟରେ ରିଙ୍କୁ ସିଂଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା । ବିସିସିଆଇ ଆଇପିଏଲ ୨୦୨୫ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି । ପରବର୍ତ୍ତୀ ସିଜିନ ପୂର୍ବରୁ ମେଗା ନିଲାମର ଆୟୋଜନ କରାଯିବ । ଏହାପୂର୍ବରୁ ରିଙ୍କୁ ସିଂ ଦେଇଥିବା ଏକ ବିବୃତି ଆଲୋଡ଼ନ ସୃଷ୍ଟି କରିଛି । ରିଙ୍କୁ କେକେଆର ଛାଡ଼ି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି)ରେ ଯୋଗ ଦେବାକୁ ଚାହୁଁଛନ୍ତି । ରିଙ୍କୁ ସିଧାସଳଖ କହିଛନ୍ତି, ଯଦି ଆଇପିଏଲ୍ ୨୦୨୫ର ନିଲାମ ପୂର୍ବରୁ କେକେଆର (କୋଲକାତା ନାଇଟ୍ ରାଇଡର୍ସ ସନରାଇଜର୍ସ) ମୋତେ ମୁକ୍ତ କରେ, ତେବେ ମୁଁ ଭେଟେରାନ୍ ବ୍ୟାଟ୍ସମ୍ୟାନ୍ ବିରାଟ କୋହଲିଙ୍କ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଦଳକୁ ଯିବାକୁ ଚାହୁଁଛି ।' ରିଙ୍କୁଙ୍କ ଏହି ବିବୃତି ସାମ୍ନାକୁ ଆସିବା ପରେ କେକେଆର ପ୍ରଶଂସକ ଚକିତ ହୋଇଯାଇଛନ୍ତି ।

ଭିନେଶଙ୍କୁ ସ୍ୱର୍ଣ୍ଣ ପଦକରେ ସମ୍ମାନିତ କଲା ଖାପ୍ ପଞ୍ଚାୟତ

ଚଣ୍ଡିଗଡ଼

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ଭିନେଶ ଫୋଗାଟ୍ ଚମତ୍କାର ପ୍ରଦର୍ଶନ କରିଥିଲେ । ସେ ମହିଳା କୁସ୍ତିର ୫୦କିଲୋଗ୍ରାମ ବର୍ଗରେ ଫାଇନାଲରେ ପ୍ରବେଶ କରିଥିଲେ ଏବଂ ସ୍ୱର୍ଣ୍ଣ ପଦକ ଜିତିବା ପାଇଁ ଏକ ପ୍ରତିଯୋଗୀ ଭାବରେ ବିବେଚିତ ହୋଇଥିଲେ । ତାଙ୍କ ସହ ସମଗ୍ର ଦେଶ ବିଜୟ ପାଇଁ ପ୍ରସ୍ତୁତ ହେଉଥିଲା, କିନ୍ତୁ ଫାଇନାଲ ମ୍ୟାଚ୍ ପୂର୍ବରୁ ଏକ ଘଟଣା ସମସ୍ତଙ୍କ ହୃଦୟ ଭାଙ୍ଗି ଦେଇଥିଲା । ନିୟମ ଅନୁଯାୟୀ, ଓଜନ ସମୟରେ ତାଙ୍କ ଓଜନ ୧୦୦ ଗ୍ରାମ ଅଧିକ ଥିବାରୁ ତାଙ୍କୁ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ଅଯୋଗ୍ୟ ଘୋଷଣା କରିଥିଲେ ।

ଏହି ନିଷ୍ପତ୍ତି ଯୋଗୁଁ ସେ କେବଳ ଅନ୍ତିମ ପ୍ରତିଯୋଗିତାରୁ ବାହାରି ନ ଥିଲେ, ବରଂ ନିଶ୍ଚିତ ରୌପ୍ୟ ପଦକ ପାଇବାର ସୁଯୋଗ ମଧ୍ୟ ହରାଇଥିଲେ । କ୍ରୀଡ଼ା ଅଦାଲତ, ଆରବିଟ୍ରେସନ୍ ଫର ସ୍ପୋର୍ଟସ୍ (ସିଏଏସ)ରେ ଭିନେଶ ଏହି ନିଷ୍ପତ୍ତି ବିରୋଧରେ ଆବେଦନ କରିଥିଲେ । କିନ୍ତୁ ଏହି ମାମଲାଟି ସଫଳ ହୋଇ ପାରିଲାନାହିଁ । ତାଙ୍କୁ ପ୍ୟାରିସ୍‌ରୁ ଖାଲି ହାତରେ ଭାରତ ଫେରିବାକୁ ପଡ଼ିଲା । ତେବେ ଏବେ ରୌପ୍ୟ ସ୍ୱର୍ଣ୍ଣ ପଦକ ବିନା ତାଙ୍କର ଖାଲି ହାତରେ ଫେରିବାର ଯନ୍ତ୍ରଣା ଦୂର ହୋଇଯାଇଛି । ତାଙ୍କର ପଦକ ନ ପାଇବା ଦୁଃଖ ମେଣ୍ଟିଛି ।

ଅଯୋଗ୍ୟ ହେବା ପରେ ଆଇଓସିଙ୍କ ନିଷ୍ପତ୍ତି ବିରୋଧରେ ଭିନେଶ ଫୋଗାଟ୍ ସିଏଏସ୍‌ରେ ଏକ ପିଟିସନ ଦାଖଲ କରିଥିଲେ । ତାଙ୍କ ଆବେଦନରେ ସେ ଜଏଣ୍ଟ ରୌପ୍ୟ ପଦକ ମାଗିଥିଲେ । ଅବଶ୍ୟ, ସିଏଏସ ୟୁନାଇଟେଡ୍ ୱାର୍ଲ୍ଡ ରେସଲିଂ (ୟୁଡବ୍ଲୁଡବ୍ଲୁ) ଏବଂ ଆଇଓସିର ନିଷ୍ପତ୍ତି ଗ୍ରହଣ କରିଥିଲେ ଏବଂ ଭିନେଶଙ୍କ ଆବେଦନକୁ ଖାରଜ କରିଥିଲେ । ଏହି ନିଷ୍ପତ୍ତିରୁ ଭିନେଶଙ୍କୁ ଏକ ବଡ଼ ଝଟ୍‌କା ଲାଗିଥିଲା । ରୌପ୍ୟ ପଦକ ନ ପାଇ ସେ ଦୁଃଖିତ ହୋଇଥିଲେ, ଯାହା ସେ ମଧ୍ୟ ଉଲ୍ଲେଖ କରିଛନ୍ତି । ଭାରତୀୟ ରେସଲର ଦୁଃଖ ଦେଖି ହରିୟାଣାର ଖାପ୍ ପଞ୍ଚାୟତ ତାଙ୍କୁ ସ୍ୱର୍ଣ୍ଣ ପଦକରେ ସମ୍ମାନିତ କରିବାକୁ ପ୍ରତିଶ୍ରୁତି ଦେଇଥିଲା । ଭିନେଶ ପ୍ୟାରିସରୁ ତାଙ୍କ ଗାଁ ବଲାଲିରେ ପହଞ୍ଚିବା ମାତ୍ରେ ତାଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା ।

କୁସ୍ତି ଆଖଡ଼ାକୁ ଫେରିବାର ସଙ୍କେତ ଦେଲେ ଭିନେଶ

ଚଣ୍ଡିଗଡ

ପ୍ୟାରିସ୍ ଅଲିମ୍ପିକ୍ସରୁ ଅଯୋଗ୍ୟ ଘୋଷିତ ହୋଇ ପଦକ ଜିତିବାରୁ ବଞ୍ଚିତ ହେବାର ଦୁଃଖ ଓ ଯନ୍ତ୍ରଣାରେ କୁସ୍ତିରୁ ସବୁଦିନ ପାଇଁ ସନ୍ନ୍ୟାସ ଘୋଷଣା କରିଥିଲେ ଭିନେଶ ଫୋଗାଟ । ଭାରତ ଫେରିବା ପରେ ପାଇଥିବା ଭଲପାଇବା ଓ ସମ୍ମାନ ପାଇଁ କିନ୍ତୁ ସେ ନିଜ ନିଷ୍ପତ୍ତି ବଦଳାଇବାକୁ ଚିନ୍ତା କରୁଛନ୍ତି । ଏହାର ସଙ୍କେତ ବି ଦେଇଛନ୍ତି । ସେହିଭଳି ପ୍ୟାରିସ୍‌ରେ ହୁଏତ ତାଙ୍କ ହୃଦୟ ଭାଙ୍ଗିଥାଏ, ହେଲେ ମନୋବଳ ଅକ୍ଷୁଣ୍ଣ ରହିଛି ବୋଲି ଏକ ସାକ୍ଷାତ୍‌କାର ଅବସରରେ ସେ କହିଛନ୍ତି । 'ମୁଁ କହିବାକୁ ଚାହେଁ ଯେ ଅଲିମ୍ପିକ୍ସ ପଦକ ହାତଛଡ଼ା କରିବା ମୋ ଜୀବନର ସବୁଠୁ ବଡ଼ ଦୁଃଖଦ ଅଧ୍ୟାୟ । ହେଲେ ସ୍ୱଦେଶ ଫେରିବା ପରେ ସାଥୀ ଖେଳାଳି, ବନ୍ଧୁବର୍ଗ ଓ ପରିବାର ସଦସ୍ୟଙ୍କଠାରୁ ପାଇଥିବା ଭଲପାଇବା ଏହି ଦୁଃଖକୁ କିଛିଟା ଦୂର କରିବା ଲାଗି ମୋତେ ସାହସ ଯୋଗାଇବ ବୋଲି ଭାବୁଛି । ହୁଏତ ମୁଁ କୁସ୍ତିକୁ ପୁନଃ ପ୍ରତ୍ୟାବର୍ତ୍ତନ କରିପାରେ' ବୋଲି ଏହି ଅବସରରେ ଭିନେଶ ମତ ରଖିଥିଲେ । ଏହା ପୂର୍ବରୁ ଭିନେଶଙ୍କ ବଡ଼ବାପା ତଥା ପ୍ରତିଷ୍ଠିତ କୁସ୍ତି ପ୍ରଶିକ୍ଷକ ମହାବୀର ଫୋଗାଟ, ଅଲିମ୍ପିଆନ୍ ବଜରଙ୍ଗ ପୁନିଆ, ସାକ୍ଷୀ ମଲ୍ଲିକ ପ୍ରମୁଖ ଅବସର ନିଷ୍ପତ୍ତି ବଦଳାଇବାକୁ ଭିନେଶଙ୍କୁ ଆହ୍ୱାନ କରି ସାରିଛନ୍ତି । ଭିନେଶ ଆହୁରି କହିଥିଲେ ଯେ 'ମୁଁ ମୋ ହୃଦୟର ଗଭୀରତମ କୋଣରୁ ଚାହେଁ ଯେ ମୋ ଗାଁର ଜଣେ ଝିଅ ମୋ ସଫଳତା ଧାରାକୁ ଆଗେଇ ନେଇ ମୋ ରେକର୍ଡ ଭାଙ୍ଗୁଛି । ମୁଁ ଯଦି ମୋ ଗାଁରେ କୁସ୍ତି ପାଇଁ କିଛି କରିପାରିଲି, ତା'ହେଲେ ଏହାଠାରୁ ଆଉ ଖୁସିର କଥା ମୋ ପାଇଁ କିଛି ହୋଇନପାରେ' ।

ଆଇପିଏଲ୍‌ରେ କୋହଲିଙ୍କ ଫେବ୍‌ରାଇଟ୍ ଟିମ୍ ହେଉଛି କେକେଆର

ନୂଆଦିଲ୍ଲୀ

ବିରାଟ କୋହଲି ଅନ୍ତର୍ଜାତୀୟ କ୍ରିକେଟର ଭାବରେ ୧୬ ବର୍ଷର ଯାତ୍ରା ସମାପ୍ତ କରିଛନ୍ତି । ପୂର୍ବତନ ଭାରତୀୟ ଅଧିନାୟକ ତାଙ୍କ ଦୀର୍ଘ କ୍ୟାରିୟରରେ ଅନେକ ବଡ଼ ରେକର୍ଡ ସୃଷ୍ଟି କରିଛନ୍ତି । ତେବେ ବିରାଟ କୋହଲିଙ୍କ ଭିଡିଓ ସୋସିଆଲ ମିଡିଆରେ ଅଧିକ ଭାଇରାଲ ହେବାରେ ଲାଗିଛି । ଏକ ସାକ୍ଷାତକାରରେ ପୂର୍ବତନ ଭାରତୀୟ ଅଧିନାୟକ ପ୍ରଶ୍ନର ଉତ୍ତର ଦେଉଥିଲେ । ଏହି ସମୟରେ ସେ ଅନେକ ମଜାଦାର ପ୍ରଶ୍ନର ଉତ୍ତର ଦେଇଥିଲେ । ବିରାଟ କୋହଲିଙ୍କୁ ପଚରାଯାଇଥିଲା ଯେ, ଆଇପିଏଲରେ ତାଙ୍କର ପ୍ରିୟ ବିରୋଧୀ ଦଳ କିଏ ? ମୁମ୍ବାଇ ଇଣ୍ଡିଆନ୍ସ କିମ୍ବା ଶାହାରୁଖ ଖାନଙ୍କ କୋଲକାତା ନାଇଟ ରାଇଡର୍ସ । ଏହା ଉପରେ ପୂର୍ବତନ ଭାରତୀୟ ଅଧିନାୟକ ଏକ ମଜାଦାର ଉତ୍ତର ଦେଇଛନ୍ତି । ସେ କହିଛନ୍ତି ଯେ, ତିନିଥର ଚାମ୍ପିଅନ କୋଲକାତା ନାଇଟ ରାଇଡର୍ସ ମୋର ପ୍ରିୟ ବିରୋଧୀ ଦଳ । ମୁଁ ଏହି ଦଳ ବିପକ୍ଷରେ ଖେଳିବାକୁ ପସନ୍ଦ କରେ ।

ମାଉଣ୍ଟ୍ ଏଲ୍‌ବ୍ରସ୍ ଚଢ଼ିଲେ ଅଭିଲାଷ, ଚିନ୍ମୟ

ଭୁବନେଶ୍ୱର

ଓଡ଼ିଶାର ଦୁଇ ପର୍ବତାରୋହୀ ଅଭିଲାଷ ଭୋଇ ଓ ଚିନ୍ମୟ ମହାରଣା ୟୁରୋପ ମହାଦେଶର ଉଚ୍ଚତମ ଶୃଙ୍ଗ ମାଉଣ୍ଟ ଏଲ୍‌ବ୍ରସ ଆରୋହଣ କରିଛନ୍ତି । ଶନିବାର ସକାଳ ୫.୪୫ରେ ଏହି ୫୬୪୨ ମିଟର ଉଚ୍ଚତା ବିଶିଷ୍ଟ ଶୃଙ୍ଗର ଶିଖରରେ ସଫଳତା ସହ ପହଞ୍ଚିଥିଲେ ବରଗଡ଼ର ଅଭିଲାଷ । ଏହାର ଗୋଟିଏ ଦିନ ପରେ ପୁରୀ ଚିନ୍ମୟ ଏହି ସଫଳତା ଅର୍ଜନ କରିଥିଲେ । ଫଳରେ ଦୁଇ ଓଡ଼ିଆ ଦୁଇ ଦିନ ମଧ୍ୟରେ ମାଉଣ୍ଟ ଏଲ୍‌ବ୍ରସ ସଫଳତା ସହ ଚଢ଼ି ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଛନ୍ତି ।

ବିଭିନ୍ନ ଦେଶର ପର୍ବତାରୋହୀ ମାନଙ୍କ ସହ ଅଭିଲାଷ ୧୧ ତାରିଖରେ ରୁଷିଆର ଟେରସକଲ ସହରରେ ପହଞ୍ଚିଥିଲେ । ପରିବେଶ ସହ ଖାପ୍‌ଖୁଆଇବା ଲାଗି ଏଠାରେ ଦୁଇ ଦିନ ଏବଂ ଏଲ୍‌ବ୍ରସ୍ ପାଦ ଦେଶରେ ଗୋଟିଏ ଦିନ ରହିଥିଲେ । ୧୪ ତାରିଖରେ ପୂରା ଗ୍ରୁପ୍ ଏଲ୍‌ବ୍ରସ ବେସ୍ କ୍ୟାମ୍ପରେ ପହଞ୍ଚିଥିଲେ ଏବଂ ଗ୍ଲେସିୟର ଅଭ୍ୟାସ କରିଥିଲେ । ପାଗ ଖରାପ ଯୋଗୁଁ ୨ ଦିନ ଏଠାରେ ରହିବା ପରେ ଏଲ୍‌ବ୍ରସ ଆରୋହଣ ଆରମ୍ଭ କରିଥିଲେ । ୫-୬ ଘଣ୍ଟା ପରେ ସକାଳ ୫.୩୦ରେ ସାଥୀମାନଙ୍କ ସହ ଅଭିଲାଷ ଏଲ୍‌ବ୍ରସରେ ପହଞ୍ଚି ଜାତୀୟ ପତାକ ଉଡ଼ାଇଥିଲେ । ଏହାପରେ ବେସ୍‌କ୍ୟାମ୍ପକୁ ପ୍ରତ୍ୟାବର୍ତ୍ତନ କରିଥିଲେ ।

ଯୁବ ଚିତ୍ରଶିଳ୍ପୀ ଚିନ୍ମୟ ମାଉଣ୍ଟ୍ ଏଲବ୍ରସ୍ ଶିଖରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଘୁନା

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୦ ଅଗଷ୍ଟ ୨୦୨୪ ମଙ୍ଗଳବାର

ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀଙ୍କ ହାତରେ ରାକ୍ଷୀ ବାନ୍ଧିଲେ ଭଉଣୀ ରାସମଣି ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । (ଫଟୋ : ସମ୍ବାଦ କଳିକା)

ସୀମାନ୍ତରେ ନା ଅଛି, ହେଲେ ଗାଁ ନାହିଁ

କାରାପୁଟ (ନିରଜ ଶତପଥୀ, ନ୍ୟୁଜ)
ନାଁ ଅଛି ହେଲେ ଗାଆଁ ନାହିଁ। ଏଇଠି ଆମେ ଦୁଇଟି ଗାଆଁ କଥା କହୁଛୁ। ମାନଚିତ୍ରରେ ଆମେ ଯେଉଁ ଦୁଇଟି ଗ୍ରାମର କଥା କହୁଛୁ ସେମାନଙ୍କର ନାଁ ଅଛି । କିନ୍ତୁ ପ୍ରକୃତରେ ଦେଖିବାକୁ ଗଲେ ସେହି ଦୁଇଟି ଗାଆଁ ସେଠାରେ ନାହିଁ। ପୂର୍ବରୁ ଏହି ଦୁଇଟି ଗାଆଁ ଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ସେହି ଗ୍ରାମର ଲୋକେ ସରକାରଙ୍କ ଠାରୁ କୌଣସି ସୁବିଧା ନ ପାଇବାରୁ କିଛି ଲୋକ ଆନ୍ଧ୍ରରେ ଯାଇ ବସବାସ କରି ରହିଲେ। ଆଉ କିଛି ଲୋକ ଓଡ଼ିଶା ଭିତରେ ରହିଲେ। ଏହା ହେଉଛି ବିବାଦୀୟ କୋଟିଆ ଗ୍ରାମ ପୁଞ୍ଜର କଥା। ଆନ୍ଧ୍ର-ଓଡ଼ିଶା ମଧ୍ୟରେ କୋଟିଆର ୨୧ ଖଣ୍ଡ ଗ୍ରାମକୁ ନେଇ ବିବାଦ ଚାଲିଛି। କିନ୍ତୁ ଏବେ ଆଉ ୨୧ ଖଣ୍ଡ ଗ୍ରାମ ନାହିଁ ।

ଏହା ହୋଇଯାଇଛି ୧୯ ଖଣ୍ଡ ଗ୍ରାମ। ଏହି ବିବାଦୀୟ ୨୧ ଖଣ୍ଡ ଗ୍ରାମ ମଧ୍ୟରୁ ହିଁ ଦୁଇଟି ଗ୍ରାମ ଲୋପ ପାଇ ଯାଇଛି। କିନ୍ତୁ ମାନଚିତ୍ରରେ ଏବେ ବି ଏହି ଦୁଇଟି ଗାଆଁ ରହିଛି। ଏହି ଦୁଇଟି ଗାଆଁ ହେଲା ମହିପାନି ଓ ସିଡିୱାଲ୍ଲା। ୨୦୧୧ ଜନ ଗଣନା ଅନୁଯାୟୀ ମହିପାନିର ଜନ ସଂଖ୍ୟା ଥିଲା ୫। ଏଥି ମଧ୍ୟରୁ ୨ ପୁରୁଷ ଓ ୩ ମହିଳା ଥିଲେ। ଏହି ଗ୍ରାମର ଲୋକେ ଆନ୍ଧ୍ର କୁ ଚାଲି ଯାଇଥିବା ଜଣାପଡିଛି। ସେହିପରି ଅନ୍ୟ ଗ୍ରାମଟି ହେଲା ସିଡିୱାଲ୍ଲା। ଏହି ଗ୍ରାମର ଜନସଂଖ୍ୟା ଥିଲା ୧୦। ସେଥି ମଧ୍ୟରୁ ୨ ପୁରୁଷ ଓ ୮ ମହିଳା ଥିଲେ। ଏହି ଗ୍ରାମର କିଛି ଲୋକ ଓଡ଼ିଶାରେ ରହିଥିବାବେଳେ ଆଉ କିଛି ଆନ୍ଧ୍ରକୁ ଚାଲି ଯାଇଥିବା ଜଣାପଡ଼ିଛି। ଆନ୍ଧ୍ର ସୀମାରେ ଥିବା ମହିପାନି ଗ୍ରାମ ପ୍ରତି ଉଭୟ ସରକାର ଗୁରୁତ୍ୱ ନ ଦେବାରୁ ଲୋକେ କିଛି ସୁବିଧା ପାଇ ପାରିଲେ ନାହିଁ। ଫଳରେ ଗାଆଁ ଛାଡ଼ିବାକୁ ବାଧ୍ୟ ହେଲେ। ସେହିପରି ତଳ ଗଞ୍ଜେଇପଦର୍ ନିକଟରେ ଥିବା ସିଡିୱାଲ୍ଲା ଗ୍ରାମର ଅବସ୍ଥା ଅନୁରୂପ ହୋଇଥିବାରୁ ସେମାନେ ବି ଗ୍ରାମ ଛାଡ଼ି ଅନ୍ୟତ୍ର ଚାଲି ଯାଇଥିବା ନେଇ ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। କୋଟିଆକୁ ନେଇ ଏବେ ବି ଦୁଇ ରାଜ୍ୟ ମଧ୍ୟରେ ବିବାଦ ଲାଗି ରହିଛି।

ସମ୍ବଲପୁର ସରଲା ଷ୍ଟେସନରେ ପଣ୍ୟବାହୀ ଟ୍ରେନ୍ ପରୀକ୍ଷଣ, ୱାଗନ୍ ରୁଟିନ୍ ମରାମତି ସୁବିଧା ପ୍ରକଳ୍ପ କାର୍ଯ୍ୟକ୍ଷମ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ଭିତିଭୂମିକୁ ସୁଦୃଢ଼ କରିବା ଏବଂ ପଶ୍ଚିମ ଓ ଦକ୍ଷିଣ ଓଡିଶାରେ ବୃଦ୍ଧି ପାଉଥିବା ଶିଳ୍ପ ଚାହିଦା ପୂରଣ ଦିଗରେ ପୂର୍ବତଟ ରେଳପଥ ସମ୍ବଲପୁର ନିକଟସ୍ଥ ସରଲା ଷ୍ଟେସନରେ ଏକ ପଣ୍ୟବାହୀ ଟ୍ରେନ୍ ପରୀକ୍ଷଣ ଏବଂ ରୁଟିନ୍ ମରାମତି ସୁବିଧାକୁ ସଫଳତାର ସହ କାର୍ଯ୍ୟକ୍ଷମ କରାଇ ଏକ ପ୍ରମୁଖ ମାଇଲଖୁଂଟ ହାସଲ କରିଛି । ରାଇଟ୍ସ ଲିମିଟେଡ୍ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଏବଂ ସମ୍ବଲପୁର ରେଳ ମଣ୍ଡଳ ଗତି ଶକ୍ତି ୟୁନିଟ୍ (ଜିଏସୟୁ) ସହଯୋଗରେ ପ୍ରାୟ ୨୦୦ କୋଟି ବିନିଯୋଗ ଦ୍ୱାରା ଏହି ପ୍ରକଳ୍ପକୁ ଜୁନ୍ ରେ ସମ୍ପୂର୍ଣ୍ଣ କରାଯାଇଛି । ଭାରତୀୟ ରେଳବାଇରେ ଦ୍ରୁତ ଅଗ୍ରଗତି କରୁଥିବା ସମ୍ବଲପୁର ରେଳମଣ୍ଡଳ ଏହାର ପରିସୀମା ମଧ୍ୟରୁ ଇସ୍ପାତ, ଆଲୁମିନିୟମ୍ ଏବଂ କୋଇଲା କ୍ଷେତ୍ର ସମେତ ଏହି ଅଞ୍ଚଳର ପ୍ରମୁଖ ଶିଳ୍ପଗୁଡିକରେ ସେବା ପ୍ରଦାନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଅଛି । ଏହି ଅଞ୍ଚଳର ଶିଳ୍ପ ଅଭିବୃଦ୍ଧିକୁ ପ୍ରୋତ୍ସାହନ କରିବା ପାଇଁ ସରଲା ଷ୍ଟେସନରେ ପଣ୍ୟବାହୀ ଟ୍ରେନ ପରୀକ୍ଷଣ ଓ ରୁଟିନ ମରାମତି ଡିପୋର ବିକାଶ ଜରୁରୀ ଥିଲା ଯାହାକି କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରିବା ସହିତ ପରିଚାଳନାଗତ ଦକ୍ଷତା ବୃଦ୍ଧି କରାଯାଇ ହେବ । ଏହି ବିକାଶ ପୂର୍ବରୁ, ପଣ୍ୟବାହୀ ଟ୍ରେନ ପରୀକ୍ଷଣ ଓ ମରାମତି ପାଇଁ ଦୂର ସ୍ଥାନକୁ ଯାଞ୍ଚ ପାଇଁ ପଠାଯିବାକୁ ବାଧ୍ୟ କରୁଥିଲା ଯାହା ପରିଚାଳନାହଟ କାର୍ଯ୍ୟଦକ୍ଷତାକୁ ପ୍ରଭାବିତ କରୁଥିଲା । ଆରଓଏଚ୍ ସେଡ୍, ଏକ ନୂତନ ଷ୍ଟେସନ୍ ବିଲଡିଂ, ଇଲେକ୍ଟ୍ରିକ୍ ସବଷ୍ଟେସନ୍, ଅଫିସ୍, ଟ୍ରେନିଂ ହଷ୍ଟେଲ ଏବଂ ଦୁଇଟି ପରୀକ୍ଷଣ ଲାଇନକୁ ରାଇଟ୍ସ ଦ୍ୱାରା ୧୬୦ କୋଟି

ଟଙ୍କା ମୂଲ୍ୟରେ ବିକଶିତ କରାଯାଇ ଜୁନ୍ ୨୦୨୪ ରେ କାର୍ଯ୍ୟସମାପ୍ତ କରାଯାଇଥିଲା । ଗତି ଶକ୍ତି ୟୁନିଟ ଦ୍ୱାରା ଆନୁମାନିକ ପ୍ରାୟ ୪୦ କୋଟି ମୂଲ୍ୟରେ ଗୋଟିଏ ଅତିରିକ୍ତ ଲୁପ୍ ଲାଇନ ଏବଂ ଦୁଇଟି ପଣ୍ୟ ପରିବହନ ପରୀକ୍ଷଣ ଲାଇନ ବିକଶିତ କରାଯାଇଛି । ଏହି ଲାଇନ ଗୁଡ଼ିକର ସମ୍ପୂର୍ଣ୍ଣ ବିଦ୍ୟୁତିକରଣ ଅଗଷ୍ଟ ୨୦୨୪ ରେ ସମାପ୍ତ କରାଯାଇଥିଲା। ସରଲା ୟାର୍ଡକୁ ୬୪ ଟି ନୂତନ ଟର୍ନଆଉଟ୍ ଏବଂ ୧୦.୪ ଟ୍ରାକ କିଲୋମିଟରର ନୂତନ ଟ୍ରାକ୍ ନିର୍ମାଣ କରାଯାଇଅଛି ଏବଂ ନୂତନ ଆଧୁନିକ ପ୍ରଣାଳୀ ଉପଯୋଗ କରାଯାଇ ରୂପାନ୍ତରିତ ସହିତ ୧୯୫ ରୁଟ୍ ର କାର୍ଯ୍ୟକ୍ଷମ କରାଯାଇଅଛି । ଏହି କାର୍ଯ୍ୟରେ ଅପ ଓ ଡ଼ାଉନ ମେନ୍ ଲାଇନ୍ ରେ ନନ-ଇଂଟରଲକିଙ୍ଗ ଓ ଇଂଟରଲକିଙ୍ଗ କାର୍ଯ୍ୟ ବ୍ଲକଗୁଡିକର ଯନ୍ତ୍ର ସହ ଯୋଜନା କରାଯାଇଥିଲା ଏବଂ ପଣ୍ୟ ପରିବହନ କାର୍ଯ୍ୟରେ ସର୍ବନିମ୍ନ ବ୍ୟାଘାତ ସହିତ ନୂତନ ଭିତ୍ତିଭୂମି ବିକାଶ କରାଯାଇଥିଲା । ୧୪ ଜୁନ୍ ୨୦୨୪ ରେ ନୂତନ ସରଲା ୟାର୍ଡକୁ ସଫଳତାର ସହିତ କାର୍ଯ୍ୟକ୍ଷମ କରାଗଲା ଏବଂ ୨୫ ଜୁନ୍ ୨୦୨୪ ରେ ପଣ୍ୟବାହୀ ଟ୍ରେନ୍ ପରୀକ୍ଷା ଆରମ୍ଭ ହୋଇଥିଲା। ୧୩ ଅଗଷ୍ଟ ୨୦୨୪ ରେ ପ୍ରଥମ ରହ (ରୁଟିନ ମରାମତି) କାର୍ଯ୍ୟ ହାସଲ କରାଯାଇଥିଲା। ୟାର୍ଡ଼ରେ ୯୦-୧୦୦ ଟ୍ରେନ୍ ପରୀକ୍ଷା ଏବଂ ୧୦୦ ୱାଗନ୍ ର ଆରଓଏଚ (ରୁଟିନ ମରାମତି) ପରିଚାଳନା କରିବା ପାଇଁ ମାସିକ କ୍ଷମତା ଅଛି, ସୁରକ୍ଷାକୁ ସୁଦୃଢ଼ କରିବା ସହିତ ବିଟିଏପି (ଆଲୁମିନିୟମ୍ ବହନ କରୁଥିବା ୱାଗନ୍) ର ଟର୍ନ ଆରାଉଣ୍ଡ ଟାଇମ୍ କୁ ୩୦% ହ୍ରାସ କରାଯାଇପାରିବ। ଏହି ଡ଼ିପୋରେ ମାତ୍ର ଅଳ୍ପ ସଂଖ୍ୟକ କର୍ମଚାରୀମାନଙ୍କୁ ନେଇ ଭାରତୀୟ ରେଳପଥରେ ପ୍ରଥମ ଥର ପାଇଁ ରୁଟିନ ମରାମତି ଏବଂ ସିକ ଲାଇନ କାର୍ଯ୍ୟ ସମ୍ପୂର୍ଣ୍ଣ ଆଉଟସୋର୍ସିଂ ମଡେଲରେ ପରିଚାଳିତ କରାଯାଇ ଡିପୋର କାର୍ଯ୍ୟକ୍ଷମତାକୁ ସୁନିଶ୍ଚିତ କରାଯାଉଛି। ସରଲା ଷ୍ଟେସନରେ ପଣ୍ୟ ପରିବହନ ଡିପୋର ବିକାଶ ଶିଳ୍ପ ଏବଂ ବାଣିଜ୍ୟିକ କାର୍ଯ୍ୟକଳାପକୁ ଆକର୍ଷିତ କରି ସମ୍ବଲପୁର ଅଞ୍ଚଳରେ ଅର୍ଥନୈତିକ ଅଭିବୃଦ୍ଧିକୁ ଉତ୍ସାହିତ କରିବ ବୋଲି ଆଶା କରାଯାଉଛି । ପ୍ରମୁଖ ଶିଳ୍ପ ହବ୍ ଯଥା ଝାରସୁଗୁଡା ଏବଂ ନିକଟବର୍ତୀ ସାଇଡିଙ୍ଗ୍ ସହିତ ଏହି ସୁବିଧା ଉକ୍ତ ଅଂଚଳରେ ପଣ୍ୟ ପରିବହନ କାର୍ଯ୍ୟର କାର୍ଯ୍ୟକ୍ଷମତାକୁ ମଧ୍ୟ ବୃଦ୍ଧି କରାଇବ । ନୂତନ ସରଲା ୟାର୍ଡ଼ର କାର୍ଯ୍ୟକ୍ଷମ ହେବା ସହିତ ପୂର୍ବତଟ ରେଳପଥ ଓଡିଶାର ବିସ୍ତାରିତ ଶିଳ୍ପ ସଂସ୍ଥା ଗୁଡିକର ଚାହିଦା ପୁରାଣ କରିବା ପାଇଁ ଭଲ ସ୍ଥିତିରେ ଅଛି, ଯାହା ଦ୍ୱାରା ଏହି ଅଞ୍ଚଳର ଆର୍ଥିକ ସମୃଦ୍ଧତା ତଥା ଭାରତୀୟ ରେଳ ନେଟୱର୍କରେ ସୁଗମ, ଅଧିକ ଦକ୍ଷ ପଣ୍ୟ ପରିବହନ କାର୍ଯ୍ୟ ସୁନିଶ୍ଚିତ ହେବ ।

ଭୁବନେଶ୍ୱର : ୟୁନିଟ୍-୬ ବାଳକ ବିଦ୍ୟାଳୟରେ ରକ୍ଷା ବନ୍ଧନ ଉତ୍ସବ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ। ଆମ ବିଦ୍ୟାଳୟର ଆଲୁମିନିସଦସ୍ୟ ଓ ସୃଜନୀ ସଦସ୍ୟମାନଙ୍କ ଗ୍ରହଣରେ ଆବାସିକ ପିଲାମାନେ। (ଫଟୋ : ସମ୍ବାଦ କଳିକା)

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ପ୍ରାୟ ୪୦ରୁ ...

ହାତରେ ରାକ୍ଷୀ ବାନ୍ଧିଥିଲେ। ପ୍ରଥମେ ଆସିଥିଲେ ମୁଖ୍ୟମନ୍ତ୍ରୀଙ୍କ ନିଜ ଭଉଣୀ ରାସମଣୀ ମାଝୀ। ମୁଖ୍ୟମନ୍ତ୍ରୀଙ୍କୁ ସେ ବନ୍ଦାପନା କରି ମିଠା ଖୁଆଇ ରାକ୍ଷୀ ବାନ୍ଧିଥିଲେ। ଏହାପରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ବରିଷ୍ଠ ନେତ୍ରୀ ପୂର୍ଣ୍ଣିମା କେରକେଟା ମୁଖ୍ୟମନ୍ତ୍ରୀଙ୍କୁ ରାକ୍ଷୀ ବାନ୍ଧିଥିଲେ। ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବିଧାୟକ ବାବୁ ସିଂହ ଅନ୍ୟ ପ୍ରମୁଖ ନେତା ମାନେ ଉପସ୍ଥିତ ଥିଲେ। ଯେଉଁ ସଂସ୍ଥାର ପିଲାମାନେ ଆଜି ରକ୍ଷାବନ୍ଧନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ସେମାନେ ହେଲେ ସଫେଇ କର୍ମଚାରୀ, ବ୍ରହ୍ମପୁରର ଦିବ୍ୟାଙ୍ଗ ଅନୁଷ୍ଠାନ, ମାନସିକ ଅନଗ୍ରସର ପିଲାମାନେ, ଭୁବନେଶ୍ୱର ଏସ.ଓ.ଏସ ଭିଲେଜର ପିଲାମାନେ, ପ୍ରଜାପିତା ବ୍ରହ୍ମକୁମାରୀ, ମହିଳା କର୍ମଜୀବୀ ସାମ୍ବାଦିକ, ମହିଳା ସାମାଜିକ ଅନୁଷ୍ଠାନ, ମହିଳା ଚଳଚ୍ଚିତ୍ର ତାରକା, ଓକିଲ, ବିଜେପି ମହିଳା ମୋର୍ଚ୍ଚା, ସେବିକା ସମିତି, ଦୁର୍ଗା ବାହିନୀ, ମହିଳା କର୍ପୋରେଟର ଏବଂ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ। ଏହା ସହିତ ତମାଣ୍ଡ, ଧର୍ମ ବିହାର, ପଞ୍ଚସଖା ନଗର, ୟୁନିଟ-୮, ବରମୁଣ୍ଡା, କଳିଙ୍ଗ ବିହାର, ନିଳାଦ୍ରୀ ବିହାର, ଜୟଦେବ ବିହାର, ଭୀମଟାଙ୍ଗି, ଆଦିମାତା କଲୋନୀ, ନିମାପଡ଼ା ଓ ୟୁନିଟ-୩ ପ୍ରଭୃତି ଅଞ୍ଚଳର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ଗଣ, ଭୁବନେଶ୍ୱର ତପୋବନ ହାଇ ସ୍କୁଲ, କ୍ୟାପିଟାଲ ଗାର୍ଲସ ହାଇସ୍କୁଲ, ଗିରିପୁର ଆଶ୍ରମ ସ୍କୁଲ, ସାଇ ଇଣ୍ଟରନେସନାଲ ସ୍କୁଲ, ତକ୍ଷଶିଳା,ମଦରସ ସ୍କୁଲ, ଉତ୍କଳ ବିଶ୍ୱବିଦ୍ୟାଳୟ, ରମାଦେବୀ ବିଶ୍ୱବିଦ୍ୟାଳୟ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ମହର୍ଷି ମହିଳା ମହାବିଦ୍ୟାଳୟ, ଦେବରାୟ ନୟାପଲ୍ଲୀ ମହାବିଦ୍ୟାଳୟ, ରାଜଧାନୀ ମହାବିଦ୍ୟାଳୟ, ରାଜା ମଧୁସୂଦନ ଦେବ ଡ଼ିଗ୍ରୀ ମହାବିଦ୍ୟାଳୟ ଆଦିର ଛାତ୍ରୀ ମାନେ ଯୋଗ ଦେଇଥିଲେ।

ରାଜ୍ୟରେ ଆସନ୍ତା...

ଓ୍ୱେଲମାର୍କ ଲୋ-ପ୍ରେସରରେ ପରିଣତ ହେବ ବୋଲି ଆକଳନ କରିଛି ପାଣିପାଗ ବିଭାଗ। ଏହାର ପ୍ରଭାବରେ ରାଜ୍ୟରେ ଆସନ୍ତା ୨ ଦିନ ଯାଏଁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସୋମବାର ଅନେକ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇଥିଲା। ମଙ୍ଗଳବାର ପାଇଁ କେନ୍ଦୁଝର, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼ ଓ ଝାରସୁଗୁଡ଼ା ଏହି ୫ ଜିଲ୍ଲାରେ ପ୍ରବଳ ବର୍ଷା ହେବାନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ୨୧ରୁ ବର୍ଷାର ପ୍ରଭାବ କମିବ ବୋଲି ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର।

ସିମ୍‌ବକ୍ସର ମାୟା...

କମିଶନରେଟ ପୁଲିସ କେଶୁରା ଅଞ୍ଚଳରୁ ଏକ ସିମ ବକ୍ସ ଜବତ କରିଥିଲା। ଏହି ଅଭିଯୋଗରେ ପୁଲିସ ପଶ୍ଚିମବଙ୍ଗର ମୂଳ ବାସିନ୍ଦା ରାଜୁ ମଣ୍ଡଳକୁ ଗିରଫ କରିଥିଲା। ତେବେ ଏହି ର୍ୟାକେଟର ମାଷ୍ଟରମାଇଣ୍ଡ ବାଂଲାଦେଶର ଆଶାଦ୍ଦୁର ଜମାନ ବୋଲି ଜାଣିବାକୁ ପାଇଥିଲା ପୁଲିସ୍। ତଥାପି ଏହି ମାମଲାର ଅଧିକ ଖୋଳତାଡ କରିବା ପାଇଁ ରାଜୁକୁ ପୁଲିସ ରିମାଣ୍ଡରେ ନେଇ ଦିନ ତମାମ ଜେରା କରିଥିଲା। ଜେରା ବେଳେ କଟକ ଲିଙ୍କ ମିଳିଥିଲା। ତାପରେ ପୁଲିସ ରାଜୁକୁ ଧରି କଟକ ରାଜେନ୍ଦ୍ର ନଗରରେ ପହଞ୍ଚିଥିଲା। ଆଉ ସେହି ଭଡା ଘରୁ ୫ଟି ସିମ ବକ୍ସ ଜବତ କରିଥିଲା। ସିମ୍‌ବକ୍ସରେ ୨୩୬ଟି ଆକ୍ଟିଭ ସିମ ସମେତ ୫୪୬ଟି ସିମ୍ ଥିଲା। ସିମ୍‌ବକ୍ସରେ ଖଞ୍ଜା ଯାଇଥିବା ସିମ ଗୁଡ଼ିକ ବିଭିନ୍ନ ନେଟୱାର୍କ କମ୍ପାନୀର। କେଉଁ ମେସିନରେ ଲେଖାଯାଇଛି ରିହାଜ ତ ଆଉ କେଉଁ କେଉଁଠିରେ ରହିଛି ୯୦ରୁ ୯୫ ଯାଏଁ ନମ୍ବର । ଏସବୁ ବିଭିନ୍ନ ଦେଶର ନୁହେଁ ତ ? ଯଦି ହଁ, ତେବେ ପାକିସ୍ତାନ, ଆଫଗାନିସ୍ତାନ, ତୁର୍କୀ ଏବଂ ମିଆଁମାର ଭଳି ଦେଶ ସହ ଜାରି ରହିଥିଲା କି ଗୁପ୍ତ ଟେଲିଫୋନିକ କଲ୍ ? କାହିଁକି, କାହା ପାଇଁ ଏବଂ କେତେଦିନ ଧରି କଟକରେ ସିମବକ୍ସ ସ୍ଥାପନ କରିଥିଲା ରାଜୁ ମଣ୍ଡଳ ? ପୁଲିସ ଏହି ସିମବକ୍ସକୁ ସିଜ୍ କରି ରାଜୁଠାରୁ ସତ ଓଗାଳୁଛି। ସେପଟେ ଡିସିପିଙ୍କ ସୂଚନା ଅନୁସାରେ, ବାଂଲାଦେଶ ସୀମାରେ ଥିବା କିଛି ଦୋକାନରେ ହାଲା ଚାଲୁଥିଲା କ୍ୟାସ ଆକାରରେ ଟ୍ରାଂଜାକ୍ସନ ହୋଇଥିଲା। ହାଲା ଜରିଆରେ ବାଂଲାଦେଶରୁ ଭୁବନେଶ୍ୱରକୁ ଟଙ୍କା ଆସିଛି । ବାଂଲାଦେଶରୁ ଲୋକ ଆସି ଟୁଇନସିଟିରେ ଅତି ଚତୁରତାର ସହ ସେଟଅପ କରୁଥିଲେ। ତେଣୁ ପଶ୍ଚିମବଙ୍ଗ ପୁଲିସ ସହାୟତା ନେଇ ଏହି ସିଣ୍ଡିକେଟର ଖୁଲାସା କରାଯିବ। ଆବଶ୍ୟକ ସ୍ଥଳେ ଇଣ୍ଟରପୋଲର ସହାୟତା ନିଆଯିବ ବୋଲି ଡିସିପି କହିଛନ୍ତି।

ଯୁଦ୍ଧ ଭିତରେ...

ରୁଷ ସେନା ୨୦୨୨ରୁ ୟୁକ୍ରେନ ଉପରେ ଆକ୍ରମଣ ଜାରି ରଖିଛି। ୟୁକ୍ରେନ ଗୋଟିଏ ଛୋଟିଆ ଦେଶ ହୋଇଥିଲେ ମଧ୍ୟ ଅଢ଼େଇ ବର୍ଷ ହେଲାଣି ରୁଷର ମୁକାବିଲା କରି ଚାଲିଛି । ରୁଷ ଆକ୍ରମଣ କରୁଥିବାରୁ ପଶ୍ଚିମ ଦେଶ ଗୁଡ଼ିକ ମସ୍କୋ ସହ ସବୁ ପ୍ରକାରର କଟକଣା ଲଗାଇଛନ୍ତି। କିନ୍ତୁ ଭାରତ ଓ ଚାଇନା ଭଳି ଦେଶ ରୁଷ ସହ କୌଣସି ପ୍ରକାରର ବ୍ୟବସାୟ ବନ୍ଦ କରି ନାହାନ୍ତି। ସେହିପରି ଯୁଦ୍ଧ ପାଇଁ ଭାରତ କେବେ ହେଲେ ସିଧାସଳଖ ରୁଷକୁ ଦାୟୀ କରିନାହିଁ। ଭାରତ କେବଳ କୂଟନୀତିକ ଆଲୋଚନା ଦ୍ୱାରା ବିବାଦର ସମାଧାନ କରିବାକୁ ବାରମ୍ବାର ରୁଷ ଓ ୟୁକ୍ରେନକୁ କହି ଚାଲିଛି । ଏସବୁ ଭିତରେ ମୋଦି ପ୍ରଥମେ ପୁଟିନ ଓ ଆଗକୁ ଜେଲେନସ୍କିଙ୍କୁ ଭେଟିବାକୁ ଯାଉଛନ୍ତି।

ଆସନ୍ତାବର୍ଷଠୁ ...

ଯଥେଷ୍ଟ ସମୟ ନଥିବାରୁ ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ ହୋଇ ପାରିନି। ଛାତ୍ର ସଂସଦ ନିର୍ବାଚନ ପାଇଁ ଏ ନେଇ କଲେଜ ଗୁଡିକୁ ପ୍ରସ୍ତୁତ କରାଯିବ। ଆସନ୍ତା ବର୍ଷ କଲେଜ ଗୁଡିକରେ ଛାତ୍ର ସଂସଦ ନିର୍ବାଚନ ହେବ। ସେ ନେଇ ନିଷ୍ପତ୍ତି ହୋଇ ସାରିଛି ବୋଲି ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

୧୫-୨୦ ଦିନ ମଧ୍ୟରେ...

ଅଫିସିଆଲ ଡାଟା ମୁତାବକ ଯାଇଥିବା ଶ୍ରମିକମାନଙ୍କ ସହ ଯୋଗାଯୋଗ କରାଯିବ ଓ ପରେ ନନ ଅଫିସିଆଲ ଭାବେ ଯାଇଥିବା ଶ୍ରମିକଙ୍କ ବାବଦରେ ତଥ୍ୟ ସଂଗ୍ରହ କରାଯାଇ ସେମାନଙ୍କୁ ଫେରାଇ ଆଣିବାକୁ ଚେଷ୍ଟା କରାଯିବ ବୋଲି ଶ୍ରମମନ୍ତ୍ରୀ କହିଛନ୍ତି । ଆସନ୍ତା ୧୫-୨୦ ଦିନ ମଧ୍ୟରେ ସେମାନଙ୍କୁ ଫେରାଇ ଅଣାଯିବ ବୋଲି ଶ୍ରମମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

ବଢ଼ିବ ପିଏମ...

ବ୍ୟବସ୍ଥା କରାଯାଇଛି। ଅନ୍ୟପଟେ, ଅନ୍ତ୍ୟୋଦୟ ଗୃହ ଯୋଜନା ନେଇ ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ବଡ଼ ସୂଚନା ଦେଇ କହିଛନ୍ତି, ବାତ୍ୟା, ବନ୍ୟା କି ହାତୀ ଘର ନଷ୍ଟ କଲେ ଅନ୍ତ୍ୟୋଦୟ ଯୋଜନା ମିଳିବ। ବିଭିନ୍ନ କାରଣରୁ ଘର ପୋଡ଼ିଯିବା ଲୋକଙ୍କୁ ବି ଅନ୍ତ୍ୟୋଦୟ ଗୃହ ମିଳିବ । ପୂର୍ବରୁ ଏହିସବୁ କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ କୌଣସି ଯୋଜନା ନଥିଲା। ଭାଜପା ସରକାର ନୂଆ ଯୋଜନା ଆଣିଛନ୍ତି, ଖୁବଶୀଘ୍ର ଏହା କାର୍ଯ୍ୟକାରୀ ହେବ ବୋଲି ମନ୍ତ୍ରୀ କହିଛନ୍ତି।

କିନ୍ନର ପ୍ରେମିକା...

ବର୍ଷ ପୂର୍ବେ ତାଙ୍କୁ ଛାଡ଼ି ଚାଲି ଯାଇଛନ୍ତି। ମୁମ୍ବାଇରେ ଥିବା ବେଳେ ସନ୍ଦୀପ ଶ୍ରୀୟାଙ୍କ ସଂସ୍ପର୍ଶରେ ଆସିଥିଲେ । ଶ୍ରୀୟା ଜଣେ କିନ୍ନର। ତାଙ୍କର ପ୍ରକୃତ ନାମ ପ୍ରବୀଣ କୁମାର ଶର୍ମା । ତାଙ୍କ ଘର ମହାରାଷ୍ଟ୍ରର ଥାଣେ ଜିଲ୍ଲାର କାଲପ୍ପା ଥାନା ଅନ୍ତର୍ଗତ ଶିବାଜୀନଗର ଅଞ୍ଚଳରେ । ଉଭୟ ସନ୍ଦୀପ ଓ ଶ୍ରୀୟା ୩ ମାସ ହେଲା ମୁମ୍ବାଇରୁ ଆସି ଗରୀବବନ୍ଧୁଙ୍କ ପାଖରେ ରହୁଥିଲେ। ସେମାନେ ତାଙ୍କ ପେନସନ ଟଙ୍କା ହଡ଼ପ କରିବା ସହ ଅନେକ ସମୟରେ ତାଙ୍କୁ ଗାଳିଗୁଳଜ କରିବା ସହ ମାଡ଼ ମଧ୍ୟ ମାରୁଥିଲେ। ବୈଦ୍ୟନାଥପୁର ଥାନା ଏସଡିପିଓଙ୍କ ସୂଚନା ଅନୁଯାୟୀ, ଗରୀବବନ୍ଧୁ ୨୯ ହଜାର ଟଙ୍କା ପେନସନ ପାଉଥିଲେ । ଏହାକୁ ତାଙ୍କ ପୁଅ ସନ୍ଦୀପ ଓ ତାଙ୍କ ବାନ୍ଧବୀ ଶ୍ରୀୟା ହଡ଼ପ କରିବାକ

ଶେଷ ପୃଷ୍ଠା

ଭୁବନେଶ୍ୱର
୨୦ ଅଗଷ୍ଟ
ମଙ୍ଗଳବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

ଜଗାବଳିଆଙ୍କୁ ରାକ୍ଷୀ ବାନ୍ଧିଲେ ଭଉଣୀ ସୁଭଦ୍ରା

ପୁରୀ, ୧୯/୮ ନ୍ୟୁଜ ବ୍ୟୁରୋ
ସୋମବାର ପବିତ୍ର ଶ୍ରାବଣ ପୂର୍ଣ୍ଣମୀ ବା ଗହ୍ମା ପୂର୍ଣ୍ଣିମା । ଏହି ଅବସରରେ ଶ୍ରୀମନ୍ଦିରରେ ପାଳିତ ହେଉଛି ରକ୍ଷାବନ୍ଧନ ଓ ବଳଭଦ୍ର ଜନ୍ମୋତ୍ସବ । ପାଟରା ସେବାୟତଙ୍କ ଦ୍ୱାରା ବାସୁଙ୍ଗା ପାଟରେ ପ୍ରସ୍ତୁତ ହୋଇଥିବା ରାକ୍ଷୀକୁ ପ୍ରଭୁ ବଳଭଦ୍ର ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଲାଗି କରାଯାଇଛି । ଭଉଣୀ ସୁଭଦ୍ରା ଅତି ସ୍ନେହରେ ଦୁଇଭାଇଙ୍କ ହାତରେ ରାକ୍ଷୀ ବାନ୍ଧିଛନ୍ତି । ସେପଟେ ଏହି ପବିତ୍ର ଦିନରେ ଶ୍ରୀମନ୍ଦିରରେ ଲାଗିଛି ଭକ୍ତଙ୍କ ପ୍ରବଳ ଗହଳି । ଭାଇ ଭଉଣୀଙ୍କ ପବିତ୍ର ସଂପର୍କର ଉତ୍ସବ ରକ୍ଷାବନ୍ଧନ ଅବସରରେ ଭଉଣୀ ସୁଭଦ୍ରା ବାସୁଙ୍ଗା ପାଟରେ ନିର୍ମିତ ୪ଟି ବିଶ୍ୱର ସବୁଠାରୁ ବଡ଼ ରାକ୍ଷୀ ବାନ୍ଧିଛନ୍ତି ଭାଇ ବଳଭଦ୍ର ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ହାତରେ । ପାଟରା ବିଷୋୟୀ ସେବାୟତମାନେ ଦୀର୍ଘ ଏକ ମାସ ନିଷ୍ଠାରେ ରହି ତିଆରି କରିଥିବା

ବାସୁଙ୍ଗା ପାଟର ରାକ୍ଷୀକୁ ଶ୍ରୀମନ୍ଦିରକୁ ନେଇଥିଲେ । ସେଠାରେ ସେମାନେ ଏହି ରାକ୍ଷୀକୁ ମେକାପ ସେବାୟତଙ୍କୁ ଅର୍ପଣ କରିବା ପରେ ମେକାପ ସେବାୟତମାନେ ଏହାକୁ ସିଂହାରୀ ସେବାୟତଙ୍କ ହାତରେ ଦେଇଥିଲେ । ପରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ବେଶ୍ ସମୟରେ ଭଉଣୀ ସୁଭଦ୍ରା ଦୁଇଭାଇଙ୍କ ହାତରେ ଏହି ରାକ୍ଷୀ ବାନ୍ଧିଥିଲେ । ଶ୍ରୀମନ୍ଦିରରେ ସୋମବାର ରକ୍ଷାବନ୍ଧନ ସହ ଅନୁଷ୍ଠିତ ହୋଇଛି ବଳଭଦ୍ରଙ୍କ ଜନ୍ମୋତ୍ସବ । ପ୍ରଭୁ ବଳଭଦ୍ରଙ୍କ ସମ୍ମୁଖରେ କଳସ ସ୍ଥାପନ କରାଯାଇ ଷଷ୍ଠି ଦେବୀଙ୍କୁ ରଖାଯାଇ ପୂଜାବିଧି ସହ ତିଥି, ରାଶି, ନକ୍ଷତ୍ର ଅନୁଯାୟୀ ହୋଇଛି । ବିମାନବଡୁ ସେବାୟତମାନେ ସୁଦର୍ଶନଙ୍କୁ ଚଉଦୋଳରେ ନେଇ ମାର୍କଣ୍ଡେୟ ପୁଷ୍କରଣୀକୁ ଯାଇଥିଲେ । ସେଠାରେ ଥିବା ଚକଡ଼ା ଉପରେ ସୁଦର୍ଶନ ବିଜେ କରିଥିଲେ ।। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ପରେ ଏହି ନୀତି ଅନୁଷ୍ଠିତ ହୋଇଥିଲା । ଚକଡ଼ା ଉପରେ ଥିବା ଗୋଲ୍ ଚକା ଉପରେ କୁମ୍ଭାର ବିଶୋଇ ଦେଇଥିବା ଚିକିଟା ମାଟିରେ ସୁଦୁସୁଆର ସେବକମାନେ ବଳଭଦ୍ରଙ୍କ ମୂର୍ତ୍ତି ନିର୍ମାଣ କରିଥିଲେ । ଏହାପରେ ପୂଜାପଣ୍ଡା ସାମନ୍ତ ମାଟି ମୂର୍ତ୍ତିକୁ ଜୀବନ୍ୟାସ ଦେବା ସହ ମନ୍ତ୍ର ପାଠ ଓ ଜାତକର୍ମ ନୀତି ସମ୍ପନ୍ନ କରିଥିଲେ । ପରେ ସେହି ମୂର୍ତ୍ତିକୁ ମାର୍କଣ୍ଡେୟ ପୁଷ୍କରଣୀରେ ବିସର୍ଜନ କରିଥିଲେ । ପ୍ରଭୁ ବଳଭଦ୍ରଙ୍କ ଜନ୍ମନୀତି ସମ୍ପୂର୍ଣ୍ଣ ହେବା ପରେ ଚକ୍ରରାଜ ସୁଦର୍ଶନ ଚାରି ଆଶ୍ରମ ପରିକ୍ରମା କରି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ ।

ଶ୍ରାବଣ ଶେଷ ସୋମବାର : ହର ହର ମହାଦେବ ଧ୍ୱନିରେ କମ୍ପିଲା ଶୈବପୀଠ

ଭୁବନେଶ୍ୱର, ୧୯/୮ ନ୍ୟୁଜ ବ୍ୟୁରୋ
ଶ୍ରାବଣ ଶେଷ ସୋମବାରରେ ରାଜ୍ୟର ସମସ୍ତ ଶୈବ ପୀଠ ଗୁଡିକରେ ଭକ୍ତଙ୍କ ଭିଡ ଜମିଥିଲା । ଧାଡିରେ ଛିଡା ହୋଇ ଜଳଲାଗି କରିଥିଲେ କାଉଡିଆ । ହର ହର ମହାଦେବ ଧ୍ୱନୀରେ କମ୍ପିଥିଲା ମନ୍ଦିର ପରିସର । ଶେଷ ସୋମବାର ଅବସରରେ ଚଳଚଞ୍ଚଳ ହୋଇ ଉଠିଥିଲା ଭୁବନେଶ୍ୱରର ଶ୍ରୀଲିଙ୍ଗରାଜ, କପିଳପ୍ରସାଦ, ଚିନ୍ତାମଣିଶ୍ୱର ପ୍ରମୁଖ ଶୈବ ପୀଠ । ମନସ୍କାମନା ପୂରଣ ପାଇଁ ମହାଦେବଙ୍କ ନିକଟରେ ସମସ୍ତେ ଜଳଲାଗି କରିଥିଲେ । ଭିଡକୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା । ସେହିପରି ଶାନ୍ତି ଶୃଙ୍ଖଳାରେ କାଉଡ଼ିଆ ଭକ୍ତମାନେ ଲମ୍ବା ଧାଡିରେ ଯାଇ ବାବା ଲଡୁକେଶ ନିକଟରେ ମଧ୍ୟ ଜଳ ଲାଗି କରି ମନସ୍କାମନା ଜଣାଇଛନ୍ତି । ବିଶେଷ କରି ମହିଳା କାଉଡ଼ିଆ ଭକ୍ତଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । କଟକର ପ୍ରସିଦ୍ଧ ଶୈବ ପୀଠ ଧବଳେଶ୍ୱର ପୀଠରେ ହଜାର ହଜାର କାଉଡିଆଙ୍କ ସମାଗମ ହୋଇଥିଲା । ବାବା ଧବଳେଶ୍ୱରଙ୍କ ପୀଠରେ ରାତ୍ର ୨ଟାରେ ମନ୍ଦିରର ଦ୍ୱାର ଫିଟାଯାଇ ସମସ୍ତ ରୀତିନୀତି ସମାପନ କରାଯାଇ ସର୍ବସାଧାରଣଙ୍କ ଦର୍ଶନ ସହିତ କାଉଡ଼ିଆମାନେ ଜଳଲାଗି କରିଥିଲେ । ବଡ଼ସିଂହାର ବେଶରେ ବାବା ଧବଳେଶ୍ୱର ଦର୍ଶନ ଦେଇଥିବା ବେଳେ ପୀଠକୁ ସଂଯୋଗ କରୁଥିବା ସ୍ଥାୟୀ କଂକ୍ରିଟ ସେତୁ ଦେଇ ଶିବ ଲିଙ୍ଗରେ ଜଳଲାଗି କରିଛନ୍ତି ହଜାର ହଜାର କାଉଡ଼ିଆ । ପ୍ରଶାସନ ପକ୍ଷରୁ ବ୍ୟାରିକେଟ ବ୍ୟବସ୍ଥା କରାଯିବା ସହ ଭିଡକୁ ଦୃଷ୍ଟିରେ ରଖି ପୀଠ ମଧ୍ୟକୁ ବାହୁଙ୍ଗିକୁ ସମ୍ପୂର୍ଣ୍ଣ ବାରଣ କରାଯାଇଥିଲା ।

ନବୀନ ନିବାସରେ ରକ୍ଷା ବନ୍ଧନ

ନବୀନଙ୍କ ହାତରେ ରାକ୍ଷୀ ବାନ୍ଧିଲେ ବିଭିନ୍ନ ଅନୁଷ୍ଠାନ ଓ ସ୍କୁଲ ପିଲାମାନେ

ଭୁବନେଶ୍ୱର ୧୯/୮ ନ୍ୟୁଜ ବ୍ୟୁରୋ
ରକ୍ଷା ବନ୍ଧନ ଅବସରରେ ସୋମବାର ବିଭିନ୍ନ ଅନୁଷ୍ଠାନ, ଛାତ୍ରଛାତ୍ରୀ ଓ ସାଧାରଣ ଲୋକମାନେ ନବୀନ ନିବାସ ଆସି ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ହାତରେ ରାକ୍ଷୀ ବାନ୍ଧି ଶୁଭେଚ୍ଛା ଜଣାଇଥିଲେ । ଶ୍ରୀ ପଟ୍ଟନାୟକ ମଧ୍ୟ ଶୁଭେଚ୍ଛା ଗ୍ରହଣ କରି ସମସ୍ତଙ୍କୁ ରାକ୍ଷୀ ପାଇଁ ଅଭିନନ୍ଦନ ଜଣାଇଥିଲେ । ଭୁବନେଶ୍ୱର ଭରତପୁର ସ୍ଥିତ ଲୁଇ ବ୍ରେଲି ଦୃଷ୍ଟି ବାଧିତ ବିଦ୍ୟାଳୟର ଦୃଷ୍ଟି ବାଧିତ କୁନି କୁନି ଝିଅମାନେ ପ୍ରଥମେ ଶ୍ରୀ ପଟ୍ଟନାୟକଙ୍କୁ ରାକ୍ଷୀ ବାନ୍ଧି ଶୁଭେଚ୍ଛା ଜଣାଇଥିଲେ । ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ ପିଲାମାନଙ୍କୁ ଆଶୀର୍ବାଦ କରିବା ସହ ସମସ୍ତଙ୍କୁ ଉପହାର ଦେଇଥିଲେ । ପରେ ପରେ ଲା କିଡ଼ସ ପ୍ଲେ ସ୍କୁଲର କୁନି କୁନି ପିଲାମାନେ ରାକ୍ଷୀ ବାନ୍ଧି ଥିଲେ । ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସଙ୍କ ନେତୃତ୍ୱରେ ବିଭିନ୍ନ ୱାର୍ଡର କର୍ପୋରେଟରମାନେ ମଧ୍ୟ ନବୀନ ପଟ୍ଟନାୟକଙ୍କୁ ଭେଟି ରାକ୍ଷୀ ବାନ୍ଧି ଥିଲେ । ପୂର୍ବତନ ମନ୍ତ୍ରୀ ଶ୍ରୀମତୀ ଉଷା ଦେବୀ, ବିଜୁ ଜନତା ଦଳ ମୁଖପାତ୍ର ଲେଖାଶ୍ରୀ ସାମନ୍ତସିଂହାର, ଭାରତ ସ୍କାଉଟ ଏବଂ ଗାଇଡିସର ସ୍ୱେଚ୍ଛାସେବୀମାନେ, ଭୁବନେଶ୍ୱର ବ୍ରହ୍ମକୁମାରୀ ବିଶ୍ୱବିଦ୍ୟାଳୟର ବ୍ରହ୍ମକୁମାରୀ ଓ ବ୍ରାହ୍ମକୁମାରମାନେ, ଲିଙ୍ଗରାଜ ବିହାର ଓ ଏୟାର ପୋର୍ଟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀମାନେ ଏବଂ ସମାଜର ବିଭିନ୍ନ ବର୍ଗର ଜନସାଧାରଣ ଶ୍ରୀ ପଟ୍ଟନାୟକଙ୍କ ହାତରେ ରାକ୍ଷୀ ବାନ୍ଧି ଶୁଭେଚ୍ଛା ଜଣାଇଥିଲେ ।

ଆସିଲା ମହିଳା ଡାକ୍ତରଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ

ପୀଡ଼ିତାଙ୍କ ଶରୀରରେ ଲାଗିଛି ୧୪ରୁ ଅଧିକ କ୍ଷତ ଚିହ୍ନ : ସିବିଆଇ ତଦନ୍ତ ଜାରି

କୋଲକାତା, ୧୯/୮
କୋଲକାତାର ଆର୍ ଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣା ନେଇ ସାରା ଦେଶରେ ସାଧାରଣ ଲୋକଙ୍କ ଭିତରେ ଜୋରଦାର ଅସନ୍ତୋଷ, କ୍ରୋଧ, ଓ ଆକ୍ରୋଶ ଦେଖାଦେଇଛି । ଓଡ଼ିଶା ସମେତ ସାରା ଦେଶର ବିଭିନ୍ନ ହସ୍ପିଟାଲରେ ଜାରି ରହିଛି ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ବିକ୍ଷୋଭ । ଏମାନଙ୍କର ଦାବି ଡାକ୍ତର ଓ ମେଡିକାଲ କର୍ମଚାରୀଙ୍କ ସହ ହସ୍ପିଟାଲର ସୁରକ୍ଷା ସୁନିଶ୍ଚିତ ତୁରନ୍ତ ଦୃଢ଼ ଆଇନ କରି ଶୀଘ୍ର ଲାଗୁ କରନ୍ତୁ ସରକାର । ସେପଟେ କୋଲକାତା ଘଟଣାରେ ସାମ୍ନାକୁ ଆସିଛି ପୀଡ଼ିତାଙ୍କର ବିସ୍ତୃତ ଶବ ବ୍ୟବଚ୍ଛେଦ ରିପୋର୍ଟ । ଏହି

ରିପୋର୍ଟ ଅନୁସାରେ ପୀଡ଼ିତାଙ୍କ ଶରୀରରେ ଥିଲା ୧୪ରୁ ଅଧିକ କ୍ଷତ ଚିହ୍ନ । ମୁଣ୍ଡ, ଦୁଇ ଗାଲ, ଓଠର ଉପର ଓ ଭିତର ଅଂଶ, ନାକ, ଦାନ୍ତ ମାଢ଼ି, ଗଳା, ବାମ ହାତ, କାନ୍ଧ, ଆଣ୍ଠୁ, କହୁଣୀ ଓ ସମ୍ବେଦନଶୀଳ ଅଙ୍ଗରେ କ୍ଷତ ଚିହ୍ନ ମିଳିଛି । ପୋଷ୍ଟମର୍ଟମ ରିପୋର୍ଟରେ କୁହାଯାଇଛି ଯେ ଶରୀରର ବହୁ ସ୍ଥାନରେ ରକ୍ତ ଜମାଟ ବାନ୍ଧିବା ସହ ଫୁସଫୁସରେ ରକ୍ତସ୍ରାବ ଦେଖାଯାଇଛି । ପୀଡ଼ିତାଙ୍କ ଶରୀର ଓ ସମ୍ବେଦନଶୀଳ ଅଙ୍ଗରେ ଲାଗିଥିବା ସମସ୍ତ ଆଘାତ ତାଙ୍କ ମୃତ୍ୟୁ ପୂର୍ବର । ଏଥିସହ ଏକାଧିକ ବ୍ୟକ୍ତି ଦୁଷ୍କର୍ମ କରିଥିବାର ପ୍ରମାଣ ମିଳିଛି । ପୋଷ୍ଟମର୍ଟମ ରିପୋର୍ଟ ଆଧାରରେ ମେଡିକାଲ ଅଫିସର କହିଛନ୍ତି ଯେ ଦୁଇ ହାତରେ ତଣ୍ଟି ଚିପିବା ଫଳରେ ପୀଡ଼ିତାଙ୍କର ମୃତ୍ୟୁ ହୋଇଛି । ଭିସେରା, ରକ୍ତ ଏବଂ ସଂଗ୍ରହ କରାଯାଇଥିବା ଅନ୍ୟ ନମୁନାର ବିଶ୍ଳେଷଣ ପାଇଁ ଲ୍ୟାବକୁ ପଠାଯାଇଛି । ସେପଟେ କୋଲକାତା ହାଇକୋର୍ଟଙ୍କ ନିର୍ଦ୍ଦେଶରେ ମାମଲାର ତଦନ୍ତ କରୁଥିବା ସିବିଆଇ ଘଟଣାର ୪ଟି ଦିଗରେ ତନାଘନା କରୁଛି । ସୋମବାର ଆର୍ ଜି କର ମେଡିକାଲ କଲେଜର ପୂର୍ବ ପ୍ରିନ୍ସିପାଲ୍ ସନ୍ଦୀପ ଘୋଷଙ୍କୁ ଚତୁର୍ଥ ଥର ପାଇଁ ଜେରା କରିଛି ସିବିଆଇ । ଏଥିରୁ ସ୍ପଷ୍ଟ ସନ୍ଦୀପ ଘୋଷଙ୍କ ଜବାବରେ ସିବିଆଇ ସନ୍ତୁଷ୍ଟ ନୁହେଁ । ପୂର୍ବ ପ୍ରିନ୍ସିପାଲଙ୍କ ଉତ୍ତରରେ ବିରୋଧାଭାସ ରହିଛି । କଥା ହେଲା ଘଟଣା ଦିନ ରାତିରେ ହସ୍ପିଟାଲ ପକ୍ଷରୁ ପ୍ରଥମେ ପୀଡ଼ିତାଙ୍କ ପରିବାରକୁ ଫୋନ୍ କରି ଆତ୍ମହତ୍ୟା ଥିଓରୀ ଶୁଣାଯାଇଥିଲା । ଯେଉଁ ସ୍ଥାନରେ ଅପରାଧ ଘଟିଥିଲା ସେହି କ୍ରାଇମ୍ ସିନ୍‌ଙ୍କୁ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ରଖାଗଲା ନାହିଁ । ଏହାକୁ ନେଇ ବି ସିବିଆଇ ସନ୍ଦୀପ ଘୋଷଙ୍କୁ ପଚରାଉଚୁରା କରୁଛି । ଆର୍ ଜି କର ହସ୍ପିଟାଲର ୪ ଜଣ ଡାକ୍ତରୀ ଛାତ୍ରଙ୍କୁ ବି ପଚରାଉଚୁରା କରୁଛି ସିବିଆଇ । ଏମାନେ ସେହି ଛାତ୍ର ଯେଉଁମାନେ ସେଦିନ ରାତିରେ ଘଟଣା ପୂର୍ବରୁ ପୀଡ଼ିତାଙ୍କ ସହ ଡିନର କରିଥିଲେ । ପୋଷ୍ଟମର୍ଟମ ରିପୋର୍ଟରେ ପୀଡ଼ିତାଙ୍କ ଶରୀରରୁ ମିଳିଥିବା ୧୪ରୁ ଅଧିକ କ୍ଷତଚିହ୍ନରୁ ସ୍ପଷ୍ଟ ତାଙ୍କ ସହ ଜୋରଦାର ମାରପିଟ୍ କରାଯାଇଥିଲା, ସେ ଜୋରରେ ଚିତ୍କାର କରିଥିଲେ ନିଶ୍ଚୟ । ସିବିଆଇର ଗୋଟିଏ ଟିମ୍ ପୀଡ଼ିତାଙ୍କ ପରିବାରକୁ ମଧ୍ୟ ପଚରାଉଚୁରା କରୁଛି ।

ଦନ୍ତାହାତୀ ରାମୁର ମୃତ୍ୟୁ



ଭୁବନେଶ୍ୱର, ୧୯/୮ ନ୍ୟୁଜ ବ୍ୟୁରୋ
ଚନ୍ଦକା ଜଙ୍ଗଲର ଦନ୍ତାହାତୀ ରାମୁର ମୃତ୍ୟୁ ଘଟିଛି । ୪୦ ବର୍ଷ ବୟସରେ ତା'ର ମୃତ୍ୟୁ ହୋଇଛି । ଚନ୍ଦକା ଡିଏଫଓ ଶରତ ବେହେରା କହିଛନ୍ତି-ବିଦ୍ୟୁତ ଆଘାତରେ ରାମୁର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ତଥ୍ୟ ମିଳିବ । ଭୁବନେଶ୍ୱର ଉପକଣ୍ଠରେ ରାମୁ ବ୍ୟାପକ କ୍ଷୟକ୍ଷତି କରୁଥିଲା । ଚନ୍ଦକା ଓ ଡମପଡ଼ା ଅଭୟାରଣ୍ୟ ଅଞ୍ଚଳରେ ସେ ରହୁଥିଲା । ଗାଁଗଣ୍ଡା ଭିତରକୁ ପଶି ବ୍ୟାପକ କ୍ଷୟକ୍ଷତି କରୁଥିବାରୁ ରାମୁର ଗତିବିଧି ଉପରେ ନଜର ରଖିବାକୁ ବନ ବିଭାଗ ବହୁ ଚେଷ୍ଟା କରିଥିଲା । ଏପରିକି ରେଡିଓ କଲାର ବି ଲଗାଇବାକୁ ମଧ୍ୟ ଉଦ୍ୟମ ହୋଇଥିଲା । ଟ୍ରାଙ୍କୁଲାଇଜ୍ କରିବାକୁ ମଧ୍ୟ ବନ ବିଭାଗ ପ୍ରଚେଷ୍ଟା ଜାରି ରଖିଥିଲା । କିନ୍ତୁ ତାହା ସଫଳ ହୋଇପାରିନଥିଲା । ସୋମବାର କିନ୍ତୁ ରାମୁର ମୃତ୍ୟୁ ହୋଇଛି ।

ରକ୍ତରେ ଭିଜିଲା ରାକ୍ଷୀ: ଛୁରୀ ଭୁସି ଭଉଣୀକୁ ମାରିଦେଲା ଭାଇ

ଗଞ୍ଜାମ, ୧୯/୮ ନ୍ୟୁଜ ବ୍ୟୁରୋ
ରାକ୍ଷୀ ପୂର୍ଣ୍ଣିମାରେ ରକ୍ତରେ ଭିଜିଲା ରାକ୍ଷୀ । ଆଉ ସୁରକ୍ଷା ଦେବାର ପ୍ରତିଶ୍ରୁତି ଦେଇ ପ୍ରତାରଣା କଲା ଭାଇ । ଯେଉଁ ଭାଇର ଦୀର୍ଘାୟୁ କାମନା କରି ତା' ହାତରେ ବାନ୍ଧିଥିଲା ରାକ୍ଷୀ, ଆଜି ସିଏ ପାଲଟିଲା ନର ରାକ୍ଷସ । ଚିରଦିନ ପାଇଁ ସୁରକ୍ଷା ଦେବାର ପ୍ରତିଶ୍ରୁତି ଦେଇ ଦିନ ଦି'ପହରରେ ସାନ ଭାଉଣୀକୁ ଅତି ବୀଭତ୍ସ ଭାବେ ଛୁରୀରେ ଭୁସି ହତ୍ୟା କରିଛି । ଏପରି ହୃଦୟବିଦାରକ ଘଟଣା ଗଞ୍ଜାମ ଜିଲ୍ଲା ବଡ଼ବଜାର ଥାନା ଅଞ୍ଚଳରେ ଘଟିଛି । ୧୩ ବର୍ଷୀୟା ପ୍ରଯୋକ୍ତା ପାଣିଗ୍ରାହୀ ଓ ତାଙ୍କ ଭାଇ ଆୟୁଷ୍ମାନ ପାଣିଗ୍ରାହୀ ବଡ଼ବଜାର ଥାନା ସପ୍ତମ ଗଳିରେ ରହୁଥିବା ନିଜ ସମ୍ପର୍କୀୟ ବଡ଼ବାପାଙ୍କ ଘରକୁ ଆସିଥିଲେ । କାରଣ ତାଙ୍କ

ଘରେ ଚାଲିଥିଲା ଶ୍ରାଦ୍ଧ ପୂଜା । ଘରର ତଳ ମହଲାରେ ପୂଜା ଚାଲିଥିବା ବେଳେ ଉପର ମହଲାରେ ପ୍ରଯୋକ୍ତା, ଭାଇ ଆୟୁଷ୍ମାନ ଓ ସମ୍ପର୍କୀୟ ଭାଇ ଆଶୁତୋଷ ପାଣିଗ୍ରାହୀ ଥିଲେ । ହଠାତ୍ ଚିତ୍କାର ଶୁଣି ପରିବାର ଲୋକେ ଉପର ମହଲାକୁ ଧାଇଁ ଯାଇଥିଲେ । ସେତେବେଳେ ଚଟାଣରେ ରକ୍ତ ଜୁଡୁବୁଡୁ ହୋଇ ପଡ଼ିଥିଲେ ପ୍ରଯୋକ୍ତା ଓ ଆୟୁଷ୍ମାନ । ଉଭୟଙ୍କ ଶରୀରରେ ବିଭିନ୍ନ ସ୍ଥାନରେ ଛୁରୀ ମାଡ଼ ହୋଇଥିଲା । ହେଲେ ନଥିଲେ ଅଭିଯୁକ୍ତ ଆଶୁତୋଷ । ସିଏ କୁଆଡ଼େ ଉଡଣୀ ଓ ଭାଇକୁ ଛୁରା ମାଡ଼ କରି ଚମ୍ପଟ ମାରିଛି । ପରିବାର ଲୋକ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲ୍‌ରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ଭଉଣୀ ପ୍ରଯୋକ୍ତାଙ୍କୁ ମୃତ ଘୋଷଣା କରିଥିଲେ । ତେବେ ଆୟୁଷ୍ମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଉଦ୍‌ବେଗଜନକ ରହିଛି । ଡାକ୍ତରଙ୍କ ପରାମର୍ଶରେ ଆୟୁଷ୍ମାନଙ୍କୁ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲ୍‌କୁ ସ୍ଥାନାନ୍ତରିତ କରାଯାଇଛି । ଖବର ପାଇ ବଡ଼ବଜାର ଥାନା ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ରାକ୍ଷୀ ପୂର୍ଣ୍ଣିମା ପରି ପବିତ୍ର ଦିନରେ କେଉଁ କାରଣରୁ ଛୁରା ମାଡ଼ ହେଲା, ତାହା ଉପରେ ପୁଲିସ୍ ତଦନ୍ତ ଚଳାଇଛି ।

ପ୍ରଥମ ପର୍ଯ୍ୟାୟରେ ୫୦୦ ଆଦିବାସୀ ଗାଁକୁ ଉନ୍ନତ କରିବା ସରକାରଙ୍କ ଲକ୍ଷ୍ୟ

ଭୁବନେଶ୍ୱର, ୧୯/୮ ନ୍ୟୁଜ ବ୍ୟୁରୋ
୫୦୦ ଆଦିବାସୀ ଗାଁ କୁ ଉନ୍ନତି କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ଆହ୍ୱନ ମୋଡ଼ରେ ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ । ରୋଡ଼ମ୍ୟାପ ପ୍ରସ୍ତୁତ କରିଛି ବିଭାଗ । ଯେଉଁ ଗାଁ ଗୁଡିକରେ ୮୦ ରୁ ୯୦ ପ୍ରତିଶତ ଆଦିବାସୀ ରହିଛନ୍ତି ସେହି ସବୁ ଗାଁ ଗୁଡିକୁ ଚିହ୍ନଟ କରାଯାଇ ଖୁବ୍‌ଶୀଘ୍ର କାମ ଆରମ୍ଭ କରିବା ପାଇଁ ଯୋଜନା କରୁଛି ବିଭାଗ । ଆଦିବାସୀ ଗାଁ ଗୁଡିକର ପରମ୍ପରା ଓ ସଂସ୍କୃତି ବଜାୟ ରଖିବା ଆମ ସରକାରଙ୍କ ପ୍ରାଥମିକତା । ରାସ୍ତା, ପାନୀୟ ଜଳ, କୃଷି, ପଶୁ ପାଳନ, ଜଳସେଚନ, ଜଙ୍ଗଲଜାତ ଦ୍ରବ୍ୟର ବିକ୍ରି, ଯୁବକମାନଙ୍କୁ ବିଭିନ୍ନ ଯୋଜନାରେ ସମ୍ପୃକ୍ତି କରାଯିବ, ମାତୃ ଶକ୍ତିକୁ ଅଧିକ ପ୍ରୋତ୍ସାହନ ଦେଇ ଟ୍ରେନିଂର ବ୍ୟବସ୍ଥା କରାଯିବ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାକୁ ଲାଗୁ କରି ବର୍ଷକରୁ ଦୁଇ ବର୍ଷ ମଧ୍ୟରେ ୫୦୦ ଆଦିବାସୀ ଗାଁ କୁ ବିକଶିତ କରାଯିବ ବୋଲି କହିଛନ୍ତି ବିଭାଗୀୟ ମନ୍ତ୍ରୀ । ପ୍ରଥମ ପର୍ଯ୍ୟାୟରେ ୫୦୦ ଗାଁ କୁ ବିକଶିତ ଜରାଯିବ । ପରେ ଆହୁରି ଅଧିକ ଗାଁ କୁ ବିକଶିତ କରାଯିବ ବୋଲି କହିଛନ୍ତି ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବି ନାୟକ ।

ପ୍ରକାଶ ଅପେକ୍ଷାରେ
'କଥାକଳିକା': ସେପ୍ଟେମ୍ବର ସଂଖ୍ୟା-୨୦୨୪



ଏଥର ସଂଖ୍ୟାରେ...
ସ୍ମରଣୀୟ କଥା : ମନୋଜ ମହାପାତ୍ର
ସମକାଳର କଥା : ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ, ସନ୍ତୋଷୀ ସ୍ୱାଇଁ, ଡ. ମାଙ୍ଗଳିକା ମହାପାତ୍ର, ସୁକାନ୍ତ ମହାରଣା, ଅମ୍ବିକା ସ୍ୱାଇଁ, ବିନୋଦିନୀ ଗନ୍ତାଏତ, ଭାଗିରଥୀ ବେହେରା ।
କଥାର କଥା : ପୁଷ୍ପଞ୍ଜଳି କରଙ୍କ -ଅହଲ୍ୟା, ଆଲୋଚନା : ବନଜଦେବୀ ।
ଅନ୍ୟ ଭାଷାର କଥା : ଦେବସ୍ମିତା ବେହେରା ।
ଯୁବ ମାନସର କଥା : ରୀନାରାଣୀ ରାଉତରାୟ, ତପସ୍ୱିନୀ ଦାଶ ଷଡଙ୍ଗୀ । କଥା ସାଗର (ଅବଶିଷ୍ଟାଂଶ) ଅଶୋକ ବିଶ୍ୱାଳ ।

(ଗାହକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ – (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୬୮
E-mail: kathakalika@gmail.com

ପ